Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

'ପଖାଳ ପରବ' ପାଳିତ

ଆମ ସଂସ୍କୃତି ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚୁଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦/୩ (ନି/ପ୍ର): ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ରାଜ୍ୟସ୍ତରୀୟ 'ପଖାଳ ପରବ' କାର୍ଯ୍ୟକ୍ରମ ପାଳନ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପଖାଳକୁ କେବଳ ଏକ ଆହାର ନୁହେଁ, ବରଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ । ପଖାଳ ଦିବସର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଆ ଖାଦ୍ୟକୁ ବିଶ୍ୱ ଦରବାରରେ ପହଚାଂଇବା । ଆଜିକାଲିର ପାଶ୍ଚାତ୍ୟ ଖାଦ୍ୟ ସଂସ୍କୃତି ଭିତରେ ଆମର ଏହି ପାରମ୍ପରିକ ଖାଦ୍ୟ ଯେପରି ହଜି ନଯାଏ, ସେଥିପାଇଁ ଏହି ଦିବସଟି ସମସ୍ତ ଓଡ଼ିଆଙ୍କୁ ଏକଜୁଟ କରିବାର ପ୍ରୟାସ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ନିଜ ପିଲାଦିନ ସହିତ ପଖାଳର ସମ୍ପର୍କ କଥା କହି ଭାବବିହ୍ୱଳ ହୋଇ ପଡ଼ିଥିଲେ ଏବଂ କହିଥିଲେ ଯେ କେବଳ ଗରିବର ଖାଦ୍ୟ ନୁହେଁ, ବରଂ ଏହା ମହାପ୍ରଭୁ ଜଗନ୍ନାଥଙ୍କର ମଧ୍ୟ ପ୍ରିୟ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ 'ଟଙ୍କ ତୋରାଣି' ଏବଂ ପଖାଳ ଭୋଗ ଲାଗି ହୋଇଥାଏ । ଭଗବାନଙ୍କ ପାଖରେ ଏହି ସରଳ ଖାଦ୍ୟର ଅର୍ପଣ ଦର୍ଶାଏ ଯେ ସାଧାରଣ ଜୀବନଶୈଳୀ କେତେ ଶୁଦ୍ଧ । ପଖାଳର ସବୁଠାରୁ ବଡ଼ ଗୁଣ ହେଉଛି ଏହା 'ଜିରୋ ୱେଷ୍ଟ' ଖାଦ୍ୟ । ପଖାଳର ପ୍ରୋ- ବାୟୋଟିକ ଗୁଣ ବିଷୟରେ କହି ମୁଖ୍ୟମନ୍ତ୍ରୀ ପଖାଳରେ ଥିବା ହିତକର ଜୀବାଣୁ, ଯାହା ଦେହରେ ଥିବା ଅନିଷ୍ଟକାରି ଜୀବାଣୁଙ୍କୁ ମାରି ଦେଇ ଥାଆନ୍ତି ବୋଲି ନିଜ ଅଭିଭାଷଣରେ କହିଥିଲେ । ସେ କହିଥିଲେ ଯେ, ବିଶ୍ୱ ପଖାଳ ଦିବସ ଆଜି ଆଉ କେବଳ ଓଡ଼ିଶାରେ ପାଳନ କରାଯାଉ ନାହିଁ। ଏହା ଏବେ ଏକ ବିଶ୍ୱସ୍ତରୀୟ ଉତ୍ସବ ପାଲଟିଛି । ଭାରତର ବିଭିନ୍ନ ସ୍ଥାନରେ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡିଆମାନେ ଏହି ଦିନକୁ ଗର୍ବର ସହିତ ପାଳନ କରୁଛନ୍ତି । ପଖାଳ, ଦେଶ ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ନିଜ ମାଟି ସହିତ ଯୋଡ଼ିରଖିବାର ଏକ ମାଧ୍ୟମ ହୋଇଛି । ଏହା ଆମକୁ ଗର୍ବିତ କରୁଛି ଯେ ଆମର ସଂସ୍କୃତି ବିଶ୍ୱର ପ୍ରତ୍ୟେକ କୋଣରେ ପହଚିଂ ପାରୁଛି। ପଖାଳ ପରବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ବିଶ୍ୱର ସମଗ୍ର ଚାଷୀ ସମାଜକୁ କୃତଜ୍ଞତା ଜଣାଇଥିଲେ ଏବଂ ଯୁବ ପିଢ଼ିଙ୍କୁ ଓଡ଼ିଆ ପରମ୍ପରାର ମୂଲ୍ୟ ବୁଝିବାକୁ ଅନୁରୋଧ କରିଥିଲେ । ଦ୍ରୁତଗତିରେ ପରିବର୍ତ୍ତିତ ହେଉଥିବା ବିଶ୍ୱରେ, ଆଗକୁ ବଢ଼ିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଆମର ମୂଳ ସହିତ ମଧ୍ୟ ଯୋଡି ହୋଇରହିବା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ପଖାଳ ଦିବସ ଆଜି ଆମ ସରକାରଙ୍କ 'ବିକଶିତ ଓଡ଼ିଶା' ସଂକଳ୍ପର ଏକ ଅବିଚ୍ଛେଦ୍ୟ ଅଙ୍ଗ । ନିଜର ପୁରାତନ ସଂସ୍କୃତିକୁ ସୁରକ୍ଷିତ ରଖି ଆଧୁନିକତା ଆଡ଼କୁ ଦୃଢ଼ ଭାବେ ଅଗ୍ରସର ହେବା ହିଁ ଆମ ସରକାରଙ୍କ ମୂଳ ଲକ୍ଷ୍ୟ । ପଖାଳ ଦିବସ ମାଧ୍ୟମରେ ଓଡ଼ିଶାର ଐତିହ୍ୟକୁ ସମ୍ମାନ ଜଣାଇବା ଏବଂ ଏହାକୁ ଆଗାମୀ ପିଢ଼ି ପାଇଁ ସାଇତି ରଖିବା ପାଇଁ ଆମ ସରକାର ଯେଉଁ ନିରନ୍ତର ଉଦ୍ୟମ କରୁଛନ୍ତି।

ପ୍ରିୟଦର୍ଶିନୀ ମାର୍କେଟରେ ଅଗ୍ନିକାଣ୍ଡ :

ନିଆଁ ଲିଭାଇବାକୁ ଉଦ୍ୟମ ଜାରି

ଭୁବନେଶ୍ୱର,୨୦/୩(ନି/ପ୍ର): ପ୍ରିୟଦର୍ଶିନୀ ମାର୍କେଟରେ ଅଗ୍ନିକାଣ୍ଡ । ୬ଟି ଦମକଳ ଗାଡ଼ି ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଆଶଙ୍କା କରାଯାଉଛି ଯେ ଭିତରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥାଇପାରେ । ବାହାରେ ବିଶେଷ କିଛି ଦୃଶ୍ୟ ପରିଲକ୍ଷିତ ହେଉନାହିଁ । କେବଳ ଧୂଆଁ ହିଁ ଦେଖାଯାଉଛି । ଅଗ୍ନିଶମ ବାହିନୀ ଝରକ କାଚ ଭାଙ୍ଗି ଭିତରକୁ ପଶିବାକୁ ଚେଷ୍ଟା ଜାରି ରଖିଛି । ବାହାର ପଟରୁ ପାଣି ମଧ୍ୟ ସ୍ପ୍ରେ କରାଯାଉଛି । ଅକ୍ସିଜେନ୍ ସିଲିଣ୍ଡର ଧରି ମଧ୍ୟ କିଛି ଅଗ୍ନିଶମ ବାହିନୀ ଭିତରକୁ ମଧ୍ୟ ଗଲେଣି । ନିଆଁ ଲାଗିବା ପରେ ଆଖପାଖ ଅଚଂଳ ଧୂଆଁମୟ ହୋଇଯାଇଛି । ଦୋକାନ ବନ୍ଦ ଥିବା ସମୟରେ ନିଆଁ ଲାଗିଥିବା ଜଣାପଡ଼ିଛି । କେଉଁ ଦୋକାନରେ କଣ କ୍ଷତି ହୋଇଛି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନାହିଁ । ଠିକ୍ ମାର୍କେଟ୍ ଖୋଲିବା ସମୟରେ ନିଆଁ ଲାଗିଥିବା ଜଣାପଡ଼ିଛି । ଲୋକଙ୍କ କହିବା ଅନୁଯାୟୀ ସର୍ଟର ଖୋଲୁ ଖୋଲୁ ନିଆଁ ଲାଗିଛି ବୋଲି ଜଣାପଡ଼ିଥିଲା । ସର୍ଟର ଖୋଲିଲା ପରେ ନିଆଁ ଲାଗିଥିବା କିଛି ଲୋକ ପ୍ରତିକ୍ରିୟା ଦେଇଛନ୍ତି । ଅନୁମାନ କରାଯାଉଛି ଯେ ଘର ଭିତରେ ବଡ଼ ଧରଣର ନିଆଁ ଲାଗିଥାଇପାରେ । ବାହାରୁ ବିଶେଷ କିଛି ବି ନଜରରେ ଆସୁନାହିଁ ଖାଲି ଧୂଆଁ ବାହାରୁଛି । କେମିତି ନିଆଁ ଲାଗିଲା ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ସଠିକ୍ କାରଣ ଜଣାପଡ଼ିନାହିଁ ।

ପଶ୍ଚିମ ଏସିଆ ସଙ୍କଟ : ୫ ବିଶ୍ୱନେତାଙ୍କ ସହ କଥା ହେଲେ ମୋଦି

ଶାନ୍ତି ଓ ସ୍ଥିରତା ନେଇ ଆଲୋଚନା

ନୂଆଦିଲ୍ଲୀ, ୨୦/୩: ଯୁଦ୍ଧ ଯୋଗୁ ଅଶାନ୍ତ ପଶ୍ଚିମ ଏସିଆ । ଇରାନ-ଇସ୍ରାଏ ଏବଂ ଆମେରିକା ସଂଘର୍ଷ ପାଇଁ ବିଶ୍ୱ ଅର୍ଥନୀତି ଧୀରେ ଧୀରେ ପ୍ରଭାବିତ ହେଉଛି । ସାରା ବିଶ୍ୱରେ ତୈଳ ସଂକଟ ଦେଖା ଦେଇଛି । ଏହାରି ଭିତରେ ଭାରତ ସରକାର ନିଜ ବୈଦେଶିକ କୂଟନୀତିକୁ ଯଥାଯଥ ରଖିବାକୁ ଉଦ୍ୟମ ଜାରି ରଖିଛନ୍ତି । ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୪ ଘଟାଂରେ ୫ଟି ଦେଶ ଯଥା ମାଲେସିଆ, ଓମାନ, କୁଏତ, ଫ୍ରାନ୍ସ ଓ ଜୋର୍ଡାନର ନେତାଙ୍କ ସହ କଥା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଗୁରୁବାର ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ସହ ଫୋନରେ କଥା ହୋଇଛନ୍ତି । ଏହାପରେ 'ଏକ୍ସ'ରେ ମୋଦି ଲେଖିଛନ୍ତି, ବନ୍ଧୁ ଅନୱର ଇବ୍ରାହିମଙ୍କ ସହ କଥା ହୋଇଛି । ପଶ୍ଚିମ ଏସିଆରେ ଜାରି ରହିଥିବା ସଙ୍କଟ ନେଇ ତାଙ୍କ ସହ ଆଲୋଚନା କରିଛି । ଆଲୋଚନା ଓ କୂଟନୀତି ଜରିଆରେ ଆଗୁଆ ଶାନ୍ତି ଓ ସ୍ଥିରତା ଆସିବା ନେଇ ଆମେ ଏକମତ ହୋଇଛୁ । ପ୍ରଧାନମନ୍ତ୍ରୀ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କୁ ଫୋନ କରି ମଧ୍ୟପ୍ରାଚ୍ୟ ସ୍ଥିତି ସଂକ୍ରାନ୍ତରେ ଚର୍ଚ୍ଚା କରିଛନ୍ତି । ଗୁରୁବାର ସେ ଏହି ସୂଚନା 'ଏକ୍ସ'ରେ ଦେଇଛନ୍ତି । ମୋଦି କହିଛନ୍ତି, ପରିସ୍ଥିତିକୁ ଶାନ୍ତ କରିବା ଏବଂ ଆଲୋଚନା ଓ କୂଟନୀତି ରାସ୍ତାକୁ ଆପଣାଇବା ଉଚିତ୍ । ଏହାଛଡ଼ା ମୋଦି ଓମାନର ସୁଲ୍ତାନ ହାଇଥମ୍ ବିନ୍ ତାରିକଙ୍କ ସହ ମଧ୍ୟ କଥା ହୋଇଛନ୍ତି । ବୁଧବାର ମୋଦି କୁଏତର କ୍ରାଉନ ପ୍ରିନ୍ସ ଶେଖ ସବାହ ଅଲ-ଖାଲିଦ୍ ଅଲ-ହମଦ୍ ଅଲ-ମୁବାରକ ଅଲ୍-ସବାହଙ୍କ ସହ ଫୋନ୍‌ରେ କଥା ହୋଇଥିଲେ । ଏହି ସମୟରେ ସେ କ୍ରାଉନ ପ୍ରିନ୍ସଙ୍କୁ ଇଦ୍‌ର ଆଗୁଆ ଶୁଭକାମନା ଜଣାଇଥିଲେ । ଉଭୟ ନେତା ଇସ୍ରାଏଲ୍ ଇରାନ ଯୁଦ୍ଧ ମଧ୍ୟରେ ପଶ୍ଚିମ ଏସିଆର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଚର୍ଚ୍ଚା କରିଥିଲେ । ମୋଦି ଜୋର୍ଡାନ ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କ ସହ ଫୋନରେ କଥା ହୋଇ ପଶ୍ଚିମ ଏସିଆ ସଂକଟ ନେଇ ଚର୍ଚ୍ଚା କରିଛନ୍ତି । ଅଚଂଳରେ ଶାନ୍ତି ଓ ସ୍ଥିରତା ପାଇଁ ଆଲୋଚନା ଓ କୂଟନୀତିକୁ ଫୋକସ ଲାଗି ଉଭୟ ଜୋର ଦେଇଛନ୍ତି ।

ସାଇକ୍ଲୋନ୍ 'ନରେଲ୍'ର କରାଳ ରୂପ :

କେପ୍ ୟର୍କରେ ସୃଷ୍ଟି କରିପାରେ ମହାବିପତି !

ନୂଆଦିଲ୍ଲୀ, ୨୦।୩: କୋରାଲ ସାଗରରେ ସୃଷ୍ଟି ହୋଇଥିବା ଭୟଙ୍କର ସାମୁଦ୍ରିକ ଝଡ଼ 'ନରେଲ୍' ବର୍ତ୍ତମାନ କ୍ୟାଟେଗୋରୀ-୫ ରୂପ ନେଇ କୁଇନ୍ସଲ୍ୟାଣ୍ଡ ଉପକୂଳ ଆଡ଼କୁ ମାଡ଼ି ଆସୁଛି । ଏହି ବାତ୍ୟା ବର୍ତମାନ କୁକଟାଉନ୍‌ଠାରୁ ପ୍ରାୟ ୩୫୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ରହିଛି । ବାତ୍ୟାର କେନ୍ଦ୍ରସ୍ଥଳରେ ପବନର ସ୍ଥିର ବେଗ ଘଟାଂପ୍ରତି ୨୦୫ କିଲୋମିଟର ରହିଥିବା ବେଳେ, ଝଟକା ପବନର ବେଗ ୨୮୫ କିଲୋମିଟର ପର୍ଯ୍ୟନ୍ତ ପହଚୁଂଛି । ଏହା ଘଟାଂପ୍ରତି ୨୬ କିଲୋମିଟର ବେଗରେ 'କେପ୍ ୟର୍କ' ଆଡ଼କୁ ବଢୁଛି । ଶୁକ୍ରବାର ସକାଳେ ଏହା ଲକହାର୍ଟ ରିଭର ଏବଂ କେପ୍ ମେଲଭିଲ୍ ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ଅଛି । ସ୍ଥଳଭାଗ ଛୁଇଁବା ବେଳେ ଏହାର ତୀବ୍ରତା ସାମାନ୍ୟ କମି 'କ୍ୟାଟେଗୋରୀ-୪' ରେ ରହିପାରେ । ସମୁଦ୍ର ପନ୍ନନର ତାପମାତ୍ରା ସ୍ୱାଭାବିକଠାରୁ ୦.୫ ରୁ ୧.୦ସ୍ପଉ ଅଧିକ ରହିବା କାରଣରୁ ଏହି ବାତ୍ୟା ଖୁବ୍ ଶୀଘ୍ର ଭୟଙ୍କର ରୂପ ଧାରଣ କରିଛି । ସାଧାରଣତଃ କୋରାଲ ସାଗରରେ ସୃଷ୍ଟି ହେଉଥିବା ବାତ୍ୟାର ଗତିପଥ ଅନିଶ୍ଚିତ ଥାଏ, କିନ୍ତୁ 'ନରେଲ୍' ଏକ ନିର୍ଦ୍ଦିଷ୍ଟ ପଶ୍ଚିମ ଦିଗରେ ଗତି କରୁଥିବାରୁ ଏହାକୁ ପାଣିପାଗ ବିଜ୍ଞାନୀମାନେ ଅସ୍ୱାଭାବିକ ବୋଲି କହୁଛନ୍ତି । ପ୍ରିନ୍ସେସ୍ ଚାର୍ଲୋଟ୍ ବେ ଅଚଂଳରେ ସମୁଦ୍ର ଜୁଆର ସ୍ୱାଭାବିକଠାରୁ ବହୁତ ଉଚ୍ଚକୁ ଉଠିପାରେ । ଫଳରେ ଉପକୂଳବର୍ତ୍ତୀ ଅଚଂଳରେ ଗୁରୁତର ସାମୁଦ୍ରିକ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ଏହି ବାତ୍ୟାକୁ ୧୮୯୯ ମସିହାର ବିନାଶକାରୀ ବାତ୍ୟା 'ମାହିନା' ସହ ତୁଳନା କରାଯାଉଛି ।'ନରେଲ୍' ଏକ କମ୍ପାକ୍ଟ ବାତ୍ୟା ହୋଇଥିବାରୁ ଏହାର କେନ୍ଦ୍ରସ୍ଥଳରୁ ୫୦ କିଲୋମିଟର ପର୍ଯ୍ୟନ୍ତ ଅତ୍ୟନ୍ତ ବିନାଶକାରୀ ପବନ ବହିବ । ୧୯୭୪ର 'ଟ୍ରେସି' ଏବଂ ୨୦୦୬ର 'ଲ୍ୟାରି' ବାତ୍ୟା ଭଳି ଏହା ବଡ଼ ଧରଣର କ୍ଷୟକ୍ଷତି କରିବାର କ୍ଷମତା ରଖିଛି ।

ଆରମ୍ଭ ହେବ ଏଆଇ ଫର ଅଲ ପାଠ୍ୟକ୍ରମ : ଉଚ୍ଚଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର,୨୦/୩(ନି/ପ୍ର) :ଏଆଇ ଶିକ୍ଷାକୁ ମିଳିବ ପ୍ରାଧାନ୍ୟ ।ଏନେଇ ଉଚ୍ଚ ଶିକ୍ଷା ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି କଲେଜରେ ଆରମ୍ଭ ହେବ ଏଆଇ ଶିକ୍ଷା । ଉଚ୍ଚଶିକ୍ଷାନୁଷ୍ଠାନରେ ଆରମ୍ଭ ହେବ ଏଆଇ ଫର ଅଲ ପାଠ୍ୟକ୍ରମ । ରମାଦେବୀ ବିଶ୍ୱବିଦ୍ୟାଳୟରେ ଏଆଇ ଏଣ୍ଡ ରବୋଟିକ ସେଣ୍ଟର ଅଫ୍ ଏକ୍ସଲେସନ ଖୋଲାଯାଇଛି । ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରରେ କଳା ସ୍ନାତକୋତର ଦ୍ୱିତୀୟ ସେମିଷ୍ଟାରରେ ଏଆଇ ପାଠ୍ୟକ୍ରମ ପଢା ଯାଉଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ଏନେଇ ଲିଖିତ ଉତ୍ତର ରଖିଛନ୍ତି । ସେହିପରି ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଂଟ ପ୍ରଫେସର ମରୁଡ଼ି ନେଇ ବିଧାନସଭାରେ ଉଦବେଗ ପ୍ରକାଶ ପାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ୧୭ଟି ବିଶ୍ୱବିଦ୍ୟାଳୟରେ ୭୦୯ ଆସିଷ୍ଟାଂଟ ପ୍ରଫେସର ପଦ ଖାଲି ପଡ଼ିଛି । ୪୬୧ ଆସୋସିଏଟ୍ ଓ ୨୬୪ ପ୍ରଫେସର ପଦ ପୂରଣ ହୋଇନି । ଅଣଶିକ୍ଷକ ନିଯୁକ୍ତି ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି । ୨୩୨୫ ଅଣଶିକ୍ଷକ ପଦ ପୂରଣ କରିବା ବାକି ଅଛି ।

ଅନିଲ ଅମ୍ବାନୀଙ୍କୁ ୮ ଘଟାଂ ସିବିଆଇ ଜେରା

ନୂଆଦିଲ୍ଲୀ,୨୦/୩: ବ୍ୟାଙ୍କ ଜାଲିଆତି ମାମଲାରେ ସିବିଆଇ ପକ୍ଷରୁ ଗୁରୁବାର ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କୁ ଦୀର୍ଘ ୮ ଘଟାଂ ଜେରା କରାଯାଇଛି । ଏହି ଅବସରରେ ସିବିଆଇ ଅଧିକାରୀମାନେ ଅନିଲଙ୍କ ବୟାନ ରେକର୍ଡ କରିଛନ୍ତି । ଆସନ୍ତାକାଲି (ଶୁକ୍ରବାର) ପୁଣି ସିବିଆଇ କାର୍ଯ୍ୟାଳୟରେ ହାଜର ହେବାକୁ ଅନିଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରିଲାଏନ୍ସ ଗ୍ରୁପ୍‌ର ବିଭିନ୍ନ ସହଯୋଗୀ କମ୍ପାନୀ ଏକାଧିକ ଜାତୀୟକରଣ ବ୍ୟାଙ୍କରୁ ମୋଟ ୧୯,୬୯୪ କୋଟି ଟଙ୍କା ଋଣ ନେଇଥିବାବେଳେ ଏହାକୁ ଅନ୍ୟତ୍ର ବିନିଯୋଗ କରିଥିବା ଅଭିଯୋଗ ହୋଇଛି । ଏଥିମଧ୍ୟରେ ଷ୍ଟେଟ ବ୍ୟାଙ୍କ

ଅଫ୍ ଇଣ୍ଡିଆର ୨୯୨୯ କୋଟି ଟଙ୍କାର ଋଣ ସାମିଲ ଅଛି । ଇତିମଧ୍ୟରେ ସିବିଆଇ ଓ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଅନିଲଙ୍କ ନାମରେ ମାମଲା ରୁଜୁ କରାଯାଇଥିବାବେଳେ ତାଙ୍କର ମୁମ୍ବଇସ୍ଥିତ ବାସଭବନ ଓ ଅନ୍ୟ ସହରରେ ଥିବା କାର୍ଯ୍ୟାଳୟ ଉପରେ ଚଢଉ ମଧ୍ୟ କରାଯାଇଛି । ଇଡି ପକ୍ଷରୁ ଅନିଲଙ୍କ ୧୧୦୦ କୋଟି ଟଙ୍କାର ସମ୍ପତି ଜବତ କରାଯାଇସାରିଛି ।

ନବବର୍ଷରେ ତେହେରାନ ଉପରେ ଏୟାର ଷ୍ଟ୍ରାଇକ୍ କଲା ଇସ୍ରାଏଲ

ଆମେରିକାର ଏଫ୍-୩୫ ଫାଇଟର ଜେଟ୍ ନଷ୍ଟ କରିଥିବା ଆଇଆରଜିସିର ଦାବି

ତେହେରାନ,୨୦/୩: ଇରାନବାସୀ ଶୁକ୍ରବାର ନୌରୁଜ୍ ବା ପର୍ସିଆନ୍ ନବବର୍ଷ ପାଳନ କରୁଥିବାବେଳେ ତେହେରାନ ଉପରେ ଏୟାର ଷ୍ଟ୍ରାଇକ୍ କରିଛି ଇସ୍ରାଏଲ । ଇରାନର ରାଜଧାନୀ ତେହେରାନର ଚାରିପାଖରେ ଗୁଳିଗୋଳା ବର୍ଷଣର ଶବ୍ଦ ଶୁଣିବାକୁ ମିଳିଛି । ଅନ୍ୟପକ୍ଷରେ ଇରାନ ମଧ୍ୟ ତୀବ୍ର ଆକ୍ରମଣ ଜାରି ରଖିଛି । ୟୁଏଇ, କୁଏତ, ସାଉଦି ଆରବ ଏବଂ ବାହାରିନ ସେମାନଙ୍କ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ ହୋଇଥିବା କହିଛନ୍ତି । ଇସ୍ରାଏଲ ସମେତ ମଧ୍ୟପ୍ରାଚ୍ୟର ଅନେକ ଦେଶ ଉପରେ ଇରାନ ଆକ୍ରମଣ ଜାରି ରଖିଛି । ବାହାରିନର ଗୃହ ମନ୍ତ୍ରଣାଳୟ କହିଛି ଯେ, ଇରାନର ଆକ୍ରମଣ ଯୋଗୁଁ ଏକ କମ୍ପାନୀ ଗୋଦାମରେ ଡ୍ରୋନ୍ କିମ୍ବା କ୍ଷେପଣାସ୍ତ୍ରର ଅଂଶ ଖସିପଡ଼ିଥିବା ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା । ସାଉଦି ଆରବର ପୂର୍ବ ପ୍ରଦେଶର ଅର୍ଥନୈତିକ କେନ୍ଦ୍ର ତଥା ପ୍ରମୁଖ ତୈଳ ଫିଲ୍ଡ ଉପରେ ଇରାନ ଆକ୍ରମଣ କରିଛି । ତେବେ ସାଉଦି ଆରବର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଏହା ପାଚଂରୁ ଅଧିକ ଡ୍ରୋନ୍ ଖସେଇ ଦେଇଛି । ଅନ୍ୟପକ୍ଷରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗୁରୁବାର ଇସଲାମିକ୍ ଗଣରାଜ୍ୟ ଇରାନ ଯୁଦ୍ଧ ଯୋଗୁ ଧ୍ୱଂସ ହୋଇଥିବା କହିଥିବାବେଳେ ଇରାନ ଇସ୍ରାଏଲ୍ ଆଡକୁ ଅନେକ ରାଉଣ୍ଡ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା । ଇରାନ ଆକ୍ରମଣ ଯୋଗୁ ଜେରୁଜାଲେମଠାରେ ଅନେକ ବିସ୍ଫୋରଣ ଶବ୍ଦ ସହିତ ବିମାନ ଆକ୍ରମଣ ସାଇରନ ବାଜିଥିବା ଏଏଫପି ରିପୋର୍ଟର ସୂଚନା ଦେଇଛନ୍ତି । ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ପସ ଆମେରିକା ଲଢୁଆ ବିମାନ ଏଫ୍-୩୫ ଉପରେ ଆକ୍ରମଣ କରି ଏହାକୁ ନଷ୍ଟ କରିଦେଇଥବା ଦାବି କରିଛି । ଆଇଆରଜିସି ଏହି ଆକ୍ରମଣର ଭିଡିଓ ଜାରି କରିଛି । ଏଫ୍-୩୫ ବିଶ୍ୱର ସବୁଠୁ ଅତ୍ୟାଧୁନିକ ଲଢୁଆ ବିମାନ ମଧ୍ୟରେ ଗଣା ଯାଇଥାଏ ଓ ଏହାର ମୂଲ୍ୟ ୧୦୦ ନିୟୁତ ଡଲାରରୁ ଅଧିକ ହେବ ।

ଉପସାଗରୀୟ ରାଷ୍ଟ୍ରରେ କ୍ଷେପଣାସ୍ତ୍ର ବର୍ଷା :

ଜାତିସଂଘର ଦ୍ୱାରସ୍ଥ ହେଲେ ୭ ଆରବ ରାଷ୍ଟ୍ର

ଦୁବାଇ,୨୦/୩: ଆମେରିକା ଓ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ସାଂଘାତିକ ମୋଡ଼ ନେଇଛି । ଆମେରିକା ଉପରେ ପ୍ରତିଶୋଧ ନେବା ପାଇଁ ଇରାନ ଏବେ ଉପସାଗରୀୟ ଦେଶଗୁଡ଼ିକରେ ଥିବା ଆମେରିକୀୟ ସୈନ୍ୟ ଘାଟି ସମେତ ଗୁରୁତ୍ୱପୂର୍ଣ୍ଣ ତୈଳ ପ୍ରକଳ୍ପଗୁଡ଼ିକୁ କ୍ରମାଗତ ଭାବେ ଟାର୍ଗେଟ୍ କରୁଛି । ଏହି ସାଙ୍ଘାତିକ ପରିସ୍ଥିତିରେ ଗଭୀର ଚିନ୍ତା ପ୍ରକଟ କରି ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବାହାରିନ, ଜର୍ଡାନ, କୁଏତ, ଓମାନ ଏବଂ କତର ଭଳି ୭ଟି ପ୍ରମୁଖ ରାଷ୍ଟ୍ର ଜେନେଭାସ୍ଥିତ ଜାତିସଂଘ ମାନବାଧିକାର ପରିଷଦର ଦ୍ୱାରସ୍ଥ ହୋଇଛନ୍ତି । ଇରାନ ପକ୍ଷରୁ ହେଉଥିବା ବାଲିଷ୍ଟିକ୍ ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ ଯୋଗୁଁ ନାଗରିକଙ୍କ ଜୀବନ ବିପନ୍ନ ହେବା ସହ ବିଶ୍ୱ ଶକ୍ତି ଭିତିଭୂମି ଧ୍ୱଂସ ହେବାର ଆଶଙ୍କା ଦେଖାଦେଇଛି । ଏହି ସାମରିକ କାର୍ଯ୍ୟାନୁଷ୍ଠାନ କେବଳ ଆଚଂଳିକ ନୁହେଁ, ବରଂ ଅନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷା ପ୍ରତି ଏକ ଗମ୍ଭୀର ବିପଦ ବୋଲି ଦର୍ଶାଇ ଉପସାଗରୀୟ ଦେଶଗୁଡ଼ିକ ଜାତିସଂଘରେ ତୁରନ୍ତ ଜରୁରିକାଳୀନ ବୈଠକ ପାଇଁ ଦାବି କରିଛନ୍ତି । ଇରାନର ଏହି ଆକ୍ରମଣ ଫଳରେ ବିଶ୍ୱବ୍ୟାପୀ ଏକ ବଡ଼ ଧରଣର ଶକ୍ତି ସଙ୍କଟ ସୃଷ୍ଟି ହେବାର ଘନ କଳାବାଦଲ ଘେରି ରହିଛି ।

ଆନ୍ଧ୍ର ଉପକୂଳର ଘୂର୍ଣ୍ଣିବଳୟ ପ୍ରଭାବ : ଓଡ଼ିଶାରେ ଭୟଙ୍କର ବର୍ଷା ଓ ଝଡ଼ପବନ ଆଶଙ୍କା

ଭୁବନେଶ୍ୱର,୨୦/୩(ନି/ପ୍ର): ଆନ୍ଧ୍ର ଉପକୂଳ ଏବଂ ପାଶ୍ୱବର୍ତୀ ଅଚଂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଓଡ଼ିଶାରେ ପ୍ରବଳ ଘଡ଼ଘଡ଼ି ସହ ବର୍ଷାର ଆଶଙ୍କା । ଆଗାମୀ ୭ ଦିନ ଯାଏ ରାଜ୍ୟରେ ବର୍ଷାର ସମ୍ଭାବନା ଥିବା କହିଛି ପାଣିପାଗ ବିଭାଗ । ତା ମଧ୍ୟରୁ ୩ ଦିନ ଯାଏ ପ୍ରବଳ ଝଡପବନ ସହ କୁଆପଥର ବର୍ଷାର ପୂର୍ବାନୁମାନ ରହିଛି । ଆଜି ୬ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ସେହି ଜିଲ୍ଲାଗୁଡ଼ିକ ହେଲା ସୁନ୍ଦରଗଡ଼, ମୟୁରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର । ଏହି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ୫୦ ରୁ ୬୦ କିମି ବଗରେ ଝଡ଼ପବନ ଓ କୁଆପଥର ବର୍ଷାର ସମ୍ଭାବନା ରହିଛି । ସେହିପରି ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ,ନବରଙ୍ଗପୁର, ନୂଆପଡ଼ା, ଜିଲ୍ଲାକୁ ବି ୟେଲୋ ୱାର୍ଣ୍ଣି ଜାରି ହୋଇଛି ।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ସରକାରୀ ମହିଳା ମହାବିଦ୍ୟାଳୟ, କେନ୍ଦୁଝରରେ ସବୁଜ ବାହିନୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦୁଝର,୨୦/୩(ନି/ପ୍ର): ସରକାରୀ ମହିଳା ମହାବିଦ୍ୟାଳୟ, କେନ୍ଦୁଝରର ସବୁଜ ବାହିନୀ ଆନୁକୂଲ୍ୟରେ ବାଡ଼ି ବଗିଚାରେ ଅଳ୍ପ ସ୍ଥାନରେ ବୈଜ୍ଞାନିକ ପଦ୍ଧତିରେ ପନିପରିବା ଚାଷ ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଡ. ଲଳିତ ରଂଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତଥା ମୁଖ୍ୟ ଅଧିକାରୀ ଡ. ସୁକାନ୍ତ କୁମାର ସାହୁ ଯୋଗ ଦେଇଥିଲେ । ଅଧକ୍ଷ ଡ. ସାହୁ ପିପିଟି ମାଧମରେ ନିଜେ କରିଥିବା ଘରବଗିଚାର ଫୋଟ ଦେଖାଇ ଛାତ୍ରୀଙ୍କୁ ବଗିଚାର ଆବଶ୍ୟକତା ଓ କୃଷି ମାଧମରେ ପ୍ରତିଦିନର ସୁଷମ ଖାଦ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ମୁଖ୍ୟ ଅତିଥି ଡ. ସୁକାନ୍ତ କୁମାର ସାହୁ ଘର ବଗିଚା ସମ୍ପର୍କିତ ପ୍ରଶିକ୍ଷଣ ଦେଇ, ତାହାର ଉଦ୍ଦେଶ୍ୟ, ଉପକାରିତା ଓ ଉପାଦାନ ବିଷୟରେ ଛାତ୍ରୀମାନଙ୍କୁ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ ମୃର୍ତ୍ତିକା ସଂରକ୍ଷଣ ସହାୟକ ଅଧିକାରୀ ବର୍ଷା ପହି ଯୋଗ ଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ମାଟିର ଗୁଣବତା ଓ ତା'ର କାର୍ଯ୍ୟନିପୁଣତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଅମ୍ରିତା ମହାପାତ୍ର ଯୋଗ ଦେଇ ଛାତ୍ରୀ ମାନଙ୍କୁ ଘର ବଗିଚା ପାଇଁ କିଆରି ପ୍ରସ୍ତୁତି ପ୍ରଣାଳୀ ସହ ଚାଷର ପ୍ରକାରଭେଦ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥିମାନଙ୍କ ମଧରେ ପ୍ରଶାସନିକ ଅଧିକାରୀ ଡ. ଚିନ୍ମରଞ୍ଜନ ସାହୁ, ବିଦ୍ୟା ପରିଷଦ ଅଧିକାରୀ ଡ. ବିଷ୍ଣୁ ଚରଣ ଦାସ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ସଂଯୋଜିକା ଅଧିକାରୀ ଅଧାପିକା ଡ.ଆଲ୍ଲା ସରିତା ମହାନ୍ତି । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ପକ୍ଷରୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ସଂଯୋଜିକା ଅଧିକାରୀ ଅଧାପିକା ଡ. ମହାନ୍ତି ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମର ଉଦଯାପନ ହୋଇଥିଲା ।

ଆୟକର ସମ୍ବନ୍ଧୀୟ ଏକ ସଚେତନା ଶିବିର ଅନୁଷ୍ଠିତ

କେନ୍ଦୁଝର,୨୦/୩(ନି/ପ୍ର): ସ୍ଥାନୀୟ ରୋଟାରୀ କ୍ଲବ ଠାରେ ଆୟକର ସମ୍ବନ୍ଧୀୟ ଏକ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ବଲପୁରର ମୁଖ୍ୟ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ର ଓ ଅତିରିକ୍ତ ଆୟକର ଆୟୁକ୍ତ ରାଉରକେଲା ରେଞ୍ଜ, ରାଉରକେଲା ରାଧେଶ୍ୟାମ ଜାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଉକ୍ତ ଶିବିରରେ କେନ୍ଦୁଝର ଆୟକର ଅଧିକାରୀ ସ୍ୱରଣେନ୍ଦ୍ର ମିଶ୍ର ଅଧକ୍ଷତା କରିଥିଲେ । ଉକ୍ତ ସଚେତନତା ଶିବିରରେ ଆୟକର ଅଧିନିୟମ ୧୯୬୧ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବିଶେଷକରି ସରକାରୀ ତଥା ବେସରକାରୀ ବେତନଭୋଗୀ କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ନିୟମ ଗୁଡିକୁ ମିଶ୍ର ଅତି ପ୍ରାଞ୍ଜଳ ତଥା ସରଳ ଭାବରେ ବୁଝାଇଥିଲେ । ବିଗତ ଦିନରେ ହୋଇଥିବା ବେନିୟମ ଆୟକର ଛାଡ଼ ତଥା ଆୟକର ଫାଙ୍କିବା ପାଇଁ ବିଭିନ୍ନ ଆୟକର ଦାତାମାନଙ୍କ ଦ୍ୱାରା ଆପଣାଯାଉଥିବା ନିୟମ ବହିର୍ଭୂତ କାର୍ଯ୍ୟ ସମ୍ବନ୍ଧରେ ଆୟକର ଅଧିକାରୀ ମିଶ୍ର ଆଲୋକପାତ କରିଥିଲେ । ଏହା ବ୍ୟତୀତ ଆୟକର ଫାଙ୍କୁଥିବା ବ୍ୟକ୍ତିବିଶେଷ ମାନଙ୍କ ବିରୋଧରେ ଆୟକର ଅଧିନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ ସଚେତନ କରାଇଥିଲେ । ଉକ୍ତ ଶିବିରରେ କେନ୍ଦୁଝର ଜିଲ୍ଲାର ପାଖାପାଖି ୪୦ ସରକାରୀ ତଥା ବେସରକାରୀ ଅଧିକାରୀ, ଚାର୍ଟାର୍ଡ ଅକାଉଂଟଂଟ, ଟାକ୍ସ ଆଡ଼ଭୋକେଟମାନେ ଉକ୍ତ ସଭାରେ ଯୋଗଦାନ କରିଥିଲେ । ଉକ୍ତ ସଭାରେ ଆୟକର ନିରୀକ୍ଷକ ଅମରଜିତ କୁମାର ଏବଂ ବାସନ୍ତୀ ହେମ୍ବ୍ରମ ସହଯୋଗ କରିଥିଲେ ।

କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ କେନ୍ଦୁଝରର ୫ଟି ସ୍ଥାନରେ ପ୍ରତିଭା ଅନ୍ୱେଷଣ ଶିବିର

କେନ୍ଦୁଝର,୨୦/୩(ନି/ପ୍ର): କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଆଜି କେନ୍ଦୁଝର ଜିଲ୍ଲାର ୫ଟି ପ୍ରମୁଖ କେନ୍ଦ୍ରରେ 'ବ୍ଲକସ୍ତରୀୟ ତଥା ମଣ୍ଡଳସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ-୨୦୨୬' ସଫଳତାର ସହ ଆୟୋଜିତ ହୋଇଯାଇଛି । ଜିଲ୍ଲାର କୋଣ ଅନୁକୋଣରେ ଲୁଚି ରହିଥିବା କ୍ରୀଡ଼ା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚୟନ ଶିବିର ଆୟୋଜନ କରାଯାଇଛି । କେନ୍ଦୁଝରଗଡସ୍ଥିତ ଡି.ଡି. ସ୍ପୋର୍ଟସ କମ୍ପ୍ଲେକ୍ସ, ହରିଚନ୍ଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସାହାରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟ ଏବଂ ତେଲକୋଇ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏହି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମୁଖ୍ୟତଃ ଆଥଲେଟିକ୍ସ, ଖୋ-ଖୋ ଏବଂ ଭଲିବଲ୍ ଭଳି କ୍ରୀଡ଼ା ଶୃଙ୍ଖଳାରେ ପ୍ରତିଭା ଚୟନ କରାଯାଇଛି । ୮ ରୁ ୧୪ ବର୍ଷ ବୟସ୍କ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ବେଶ୍ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ସକାଳ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶତାଧିକ କ୍ରୀଡ଼ାବିତ୍ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ । ସ୍ଥାନୀୟ କ୍ରୀଡ଼ା ଶିକ୍ଷକ ଓ ବିଭାଗୀୟ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ଭାବେ ଏହି ଚୟନ ପ୍ରକ୍ରିୟା ସମାପ୍ତ ହୋଇଛି । ରାଜ୍ୟ ସରକାରଙ୍କ ଏହି ଅଭିନବ ପ୍ରୟାସ ଦ୍ୱାରା କେନ୍ଦୁଝର ଜିଲ୍ଲାର ଗ୍ରାମାଂଚଳରୁ ଆଗାମୀ ଦିନରେ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍ ସୃଷ୍ଟି ହୋଇପାରିବେ ବୋଲି ଶ୍ରୀ ସରୋଜ କୁମାର ମଲ୍ଲିକ ଆଶା ପ୍ରକାଶ କରିଛନ୍ତି ।

ଜିଲ୍ଲା ଶ୍ରମ ବିଭାଗର ଦୁର୍ନୀତିକୁ ନେଇ ସାମ୍ବାଦିକ ସମ୍ମିଳନୀ କଲେ ଶ୍ରମିକ ମହାସଂଘ

ନବରଙ୍ଗପୁର,୨୦/୩ (ନି/ପ୍ର) :ନବରଙ୍ଗପୁର ଜିଲ୍ଲା ରାଜ ମିସ୍ତ୍ରୀ ଓ଼ ନିର୍ମାଣ ଶ୍ରମିକ ମହା ସଂଘର କର୍ମକର୍ତାମାନେ ପାପଡାହାଣ୍ଡି ହାଣ୍ଡି ବ୍ଲକର କୁକୁଡ଼ା କୋଣାରୀ ରେ ଏକତ୍ରିତ ହୋଇ. ସଂଘ ର ବିଭିନ୍ନ ସମସ୍ୟା କୁ ନେହି ଆଲୋଚନା କରି ଜିଲ୍ଲା ଶ୍ରମ ବିଭାଗପକ୍ଷ ରୁ ନିର୍ମାଣ ଶ୍ରମିକ ମାନଙ୍କ ସହାୟତା ବଂଟନ ଓ଼ ନିର୍ମାଣ ଶ୍ରମିକ ପଞ୍ଜି କରଣ କ୍ଷେତ୍ରରେ ଦୁର୍ନୀତି ଓ଼ ଅନିୟମିତତା. ଜୀବିତ ଥିବା ଶ୍ରମିକ ମାନଙ୍କୁ ମୃର୍ତ ଦେଖାଇ. ଦଲାଲ ମାନଙ୍କ ସହିତ ଲକ୍ଷ ଲକ୍ଷ ଟଙ୍କାହୋଡପ କରିବା କ୍ଷ ଜୀବିତ ଲୋକଙ୍କ ମୁତ୍ୟୁ ସାର୍ଟିଫିକେଟ ତଦନ୍ତ ନ କରି କିମିତି କାହାର ସୁପାରିଶ ରେ ସାର୍ଟିଫିକେଟ କାର୍ଯ୍ୟ କାରି ହେବା.ଜୀବିତ ଥିବା ବ୍ୟକ୍ତିଙ୍କୁ ମୁତ୍ୟୁ କହି ସରକାରଙ୍କ ବିଭିନ୍ନ ଯୋଜନା ରୁ ବଞ୍ଚିତ କରାଇବା. ଦୁର୍ନୀତି ସହ ଜଡିତ ବ୍ୟକ୍ତିଙ୍କୁ ଓ଼ ସରକାରୀ କର୍ମଚାରୀ ମାନଙ୍କୁ ଚାକିରିରୁ ବୋହିଷ୍କାର ନ କରି ଦୋଷୀ ମାନଙ୍କୁ ସୁରକ୍ଷା ଦେଲା ଭଳି କିଛି ମାମୁଲି ଦଲାଲ ମାନଙ୍କୁ ଗିରଫ କରାଯିବା ପଦକ୍ଷେ ଲୋକଙ୍କୁ ସନ୍ଦେହ ବଡାଉଛି.. ଓ଼ ନିର୍ମାଣ ଶ୍ରମିକ ସହାୟତା ଆବେଦନ କରିଥିଲି ସୁଦ୍ଧା ସେମାନଙ୍କୁ ସହାୟତା ନ ମିଳିବା ବିଭିନ୍ନ ଶ୍ରମିକ ସମସ୍ୟା ଗୁଡିକ କୁ ନେହି ଜିଲ୍ଲା ଶ୍ରମିକ ସଂଘ ତରଫରୁ ସାମ୍ବାଦିକ ସମ୍ମିଳନୀ କରା ଯାଇଛି. ଏହି ସମ୍ମିଳନୀ ରେ ଜିଲ୍ଲା ସଭାପତି. ବିପିନ ନାଗ.ଜିଲ୍ଲା ଆଇନ ଉପଦେଷ୍ଟା.ସିରାଜ ଉଦ୍ଦିନ ମହମଦ. ଆଶେର ଜାନି.ଜିଲ୍ଲା ସହ ସମ୍ପାଦକ.ରାଜେଶ ଜାନି. କୋଷାଧକ୍ଷ ପୋରସୁ ନାୟକ. ଜିଲ୍ଲା ସଭ୍ୟ. ରାମଧର ନାୟକ. କୃପା ଗରଡ଼ା ଙ୍କ ସହ ବହୁତ ଜିଲ୍ଲା ଶ୍ରମମିକ ସଭ୍ୟ ମାନେ ଯୋଗ ଦେଇଥିଲେ..ସମସ୍ୟା ର ସମାଧାନ କରିବା ପାଇଁ ତଦନ୍ତ କରି ଉଚିତ କାର୍ଯ୍ୟ ଅନୁଷ୍ଠାନ ଗ୍ରହଣ କରା ନ ଗଲେ କ୍ଷଜିଲ୍ଲା ନିର୍ମାଣ ଶ୍ରମିକ ମହା ସଂଘ ରାଜ ରାସ୍ତା ଙ୍କୁ ଓହ୍ଲାହି ବାର ଚେତାବୋନି ଦେଇଥିବାର ଦେଖିବା କୁ ମିଳିଛି ।

ଡିଭାଇଡ଼ରକୁ ପିଟିଲା ଆଳୁ ବୋଝେଇ ଟ୍ରକ: ୨ ମୃତ

ସୋର,୨୦/୩(ନି/ପ୍ର): ବାଲେଶ୍ୱର ଜିଲ୍ଲା ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ପୋଲ ଉପରେ ଏକ ଆଳୁ ବୋଝେଇ ଟ୍ରକ ଡିଭାଇଡ଼ରକୁ ଧକା ଦେବାରୁ ଘଟଣା ସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି । ସୂଚନା ଅନୁସାରେ ଆଜି ସକାଳ ଭୋର ସମୟରେ ପଶ୍ଚିମବଙ୍ଗରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଆଳୁ ବୋଝେଇ ଟ୍ରକ ତଳନଗର ନିକଟରେ ଅନ୍ୟଏକ ଗାଡିକୁ ଧକା ଦେବା ସହିତ ରାସ୍ତାର ଡିଭାଇଡ଼ରକୁ ଧକା ଦେଇଥିଲା । ଫଳରେ ଗାଡିର ଚାଳକ ଓ ହେଲପର ଆଳୁବସ୍ତା ସହ ପୋଲ ତଳକୁ ଖସି ଚାପିହୋଇ ରହିଥିଲେ । ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଓ ସୋର ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଂଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଦୀର୍ଘ ସମୟ ପରେ ଉଭୟଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଖବର ଲେଖାଯିବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ ।

ଭଣ୍ଡା ପଂଚାୟତକୁ କେନ୍ଦ୍ରୀୟ ଦଳର ପରିଦର୍ଶନ

ଚମ୍ପୁଆ,୨୦/୩: ଏକ କେନ୍ଦ୍ରୀୟ ଦଳ ଭଣ୍ଡା ପଂଚାୟତକୁ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିବା ଜଣା ପଡିଛି । ଖବର ଅନୁସାରେ, ଚଳିତ ବର୍ଷ କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବ୍ଲକ ଭଣ୍ଡା ପଂଚାୟତକୁ ଆଇ.ଏସ.ଓ ଘୋଷଣା କରିବା ନିମନ୍ତେ ପ୍ରସ୍ତାବିତ ହୋଇ ଥିବାରୁ ପଂଚାୟତର କାର୍ଯ୍ୟକ୍ରମ ତଥା ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ ଆଦି ବ୍ୟବସ୍ଥା ସହିତ ପଂଚାୟତର ବିଭିନ୍ନ ଉର୍ନ୍ନୟନ ମୂଳକ କାର୍ଯ୍ୟ ଉପରେ ପରିଦର୍ଶନରେ ଆସିଥିବା କେନ୍ଦ୍ରୀୟ ସମୀକ୍ଷକ ଅଧିକାରୀ ପ୍ରିୟାଂଶୁ ରାଉତରାୟ ତନ ତନ କରି ଅନୁଧାନ କରି ସମୀକ୍ଷା କରିଥିଲେ ।

ଗରିବ, ଚାଷୀ ଏବଂ ଆଦିବାସୀଙ୍କ ଅଧିକାର ପାଇଁ ସଂଘର୍ଷ ଜାରି ରଖିବାକୁ ନିରଞ୍ଜନ ବିଶିଙ୍କ ପ୍ରତିଶ୍ରୁତି

ବଲାଙ୍ଗୀର,୨୦/୩(ନି/ପ୍ର): ରାଜ୍ୟସଭା ସାଂସଦ ଶ୍ରୀ ନିରଞ୍ଜନ ବିଶି ଉଚ୍ଚ ସଦନରେ ଏକ ଭାବପ୍ରବଣ ବିଦାୟୀ ଭାଷଣ ଦେଇ ଦେଶ ସେବା କରିବାର ସୁଯୋଗ ପାଇଁ ଗଭୀର କୃତଜ୍ଞତା ପ୍ରକାଶ କରିଛନ୍ତି ଏବଂ ସାମ୍ବିଧାନିକ ମୂଲ୍ୟବୋଧ, ସାମାଜିକ ନ୍ୟାୟ ଏବଂ ଗରିବ, ଚାଷୀ, ଶ୍ରମିକ ଏବଂ ଅବହେଳିତଙ୍କ କଲ୍ୟାଣ ପାଇଁ ଜୀବନସାରା କାର୍ଯ୍ୟ ଜାରି ରଖିବାର ତାଙ୍କର ସଂକଳ୍ପକୁ ପୁନରାବୃତ୍ତି କରିଛନ୍ତି । ଗୃହକୁ ସମ୍ବୋଧିତ କରି ଶ୍ରୀ ବିଶି କହିଛନ୍ତି ଯେ ଭାରତୀୟ ସଂସଦ କେବଳ ବିତର୍କ ଏବଂ ଆଲୋଚନା ପାଇଁ ଏକ ମଂଚ ନୁହେଁ, ବରଂ ଗଣତନ୍ତ୍ରର ଏକ ପବିତ୍ର ମନ୍ଦିର । ସେ କହିଛନ୍ତି ଯେ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶ ଭାରତରେ, ସମ୍ବିଧାନର ପ୍ରସ୍ତାବନାରେ ଉଲ୍ଲେଖିତ 'ଆମେ ଭାରତର ଲୋକମାନେ'ଙ୍କ ଆକାଂକ୍ଷା ସଂସଦରେ ସ୍ୱର, ଦିଗଦର୍ଶନ ଏବଂ କାର୍ଯ୍ୟାନ୍ୱୟନ ପାଇଥାଏ । ସେ କହିଛନ୍ତି ଯେ ରାଜ୍ୟସଭାରେ ସେବା କରିବା ତାଙ୍କ ଜୀବନର ସର୍ବୋତମ ସମ୍ମାନ । ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ନେତୃତ୍ୱରେ ପ୍ରସ୍ତୁତ ଭାରତୀୟ ସମ୍ବିଧାନର ନୀତିଗୁଡ଼ିକ ଭାରତୀୟ ସମ୍ବିଧାନର ଆଦର୍ଶକୁ ମନେପକାଇ ଶ୍ରୀ ବିଶି କହିଛନ୍ତି ଯେ ତାଙ୍କ କାର୍ଯ୍ୟକାଳ ମଧରେ ସେ ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ନୀତିକୁ ଆଗକୁ ବଢ଼ାଇବା ପାଇଁ ପ୍ରୟାସ କରିଥିଲେ ଏବଂ ବିଶେଷକରି ଗୃହରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, କୃଷକ, ଶ୍ରମିକ, ମହିଳା ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ସ୍ୱର ଉଠାଇଥିଲେ । ଓଡ଼ିଶାର ଆଦିବାସୀ ଅଂଚଳର ନେତା ଭାବରେ, ସେ କହିଥିଲେ ଯେ ସଂସଦରେ ତାଙ୍କର ଉପସ୍ଥିତି ଗ୍ରାମ, ଜଙ୍ଗଲ ଏବଂ ଦୁର୍ଗମ ଅଂଚଳରେ ବାସ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କ ଆଶା ଏବଂ ଆକାଂକ୍ଷାକୁ ପ୍ରତିନିଧିତ୍ୱ କରୁଥିଲା ଯାହାଙ୍କ ସ୍ୱର ଦୀର୍ଘ ଦିନ ଧରି ଅଶୁଣା ହୋଇ ରହିଥିଲା । ତାଙ୍କ ରାଜ୍ୟସଭା କାର୍ଯ୍ୟକାଳ ମଧରେ, ସେ ଆଦିବାସୀ ଅଧିକାରର ସୁରକ୍ଷା, ଜନଜାତି ଭାଷା ଏବଂ ସଂସ୍କୃତିର ସଂରକ୍ଷଣ, ପଛୁଆ ଅଚଂଳର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଏବଂ କଲ୍ୟାଣକାରୀ ଯୋଜନାର ସୁଦୃଢ଼ୀକରଣ ଏବଂ ଓଡ଼ିଶାରେ ରେଳପଥ ଏବଂ ଭିତିଭୂମିର ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ନିରନ୍ତର ଉଠାଇଥିଲେ । ସେ ଅନୁସୂଚିତ ଜନଜାତି ର ସାମ୍ବିଧାନିକ ଅଧିକାରକୁ ସମର୍ଥନ କରିଥିଲେ । ନିରନ୍ତର ଉଠାଯାଇଛି । ସେ ଅନୁସୂଚିତ ଜନଜାତିଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ମଧ ଦୃଢ଼ ସମର୍ଥନ କରିଥିଲେ । ଶ୍ରୀ ବିଶି କହିଥିଲେ ଯେ ରାଜ୍ୟ ପରିଷଦ ଭାବରେ ରାଜ୍ୟସଭା ଭାରତର ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏବଂ ଦେଶର ପ୍ରତ୍ୟେକ ଅଂଚଳର ସ୍ୱର ଜାତୀୟ ନୀତି ନିର୍ଦ୍ଧାରଣ ରେ ଶୁଣାଯିବା ନିଶ୍ଚିତ କରିବାରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହି ଅବସରରେ, ସେ ବିଜୁ ଜନତା ଦଳ(ବିଜେଡି), ଓଡ଼ିଶା ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ତାଙ୍କୁ ରାଜ୍ୟସଭାକୁ ପଠାଇବା ପାଇଁ ଧନ୍ୟବାଦ ଦେଇଥିଲେ । ସେ ବିଜେଡି ସଭାପତି ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ସ୍ୱଚ୍ଛ ପ୍ରଶାସନ ଏବଂ ଜନ କଲ୍ୟାଣ ପ୍ରତି ସମର୍ପଣ ପାଇଁ ପ୍ରଶଂସା କରିଥିଲେ ।

ପୂର୍ବତନ ସରପଚଂ ଦିବାକର ନାୟକଙ୍କ ପରଲୋକ

ଭଦ୍ରକ, ୨୦/୩(ନି/ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପଂଚାୟତର ପୂର୍ବତନ ସରପଂଚ ତଥା ତିହିଡ଼ି ମେଳଣର ପ୍ରତିଷ୍ଠାତା ତିହିଡ଼ି ଗ୍ରାମର ଦିବାକର ନାୟକଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା ।ଗତ କିଛିଦିନ ହେଲା ସେ କିଡ଼ନୀ ଜନିତ ରୋଗରେ ପୀଡ଼ିତ ଥିଲେ କ୍ଷ ସ୍ୱର୍ଗତ ନାୟକ କଂଗ୍ରେସ ରାଜନୀତିରେ ସମ୍ପୃକ୍ତ ଥାଇ ୧୯୮୫ରେ ଭାଟପଡ଼ା ପଂଚାୟତରୁ ସରପଂଚ ଭାବେ ନିର୍ବାଚିତ ହୋଇଥିଲେ । ସେ ଜଣେ ଉତମ ସରପଂଚ ଭାବେ ସେତେବେଳେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ତତ୍କାଳୀନ ଜିଲ୍ଲାପାଳଙ୍କ ଠାରୁ ପ୍ରଶଂସା ପତ୍ର ପାଇଥିଲେ । ତିହିଡ଼ି ମେଳଣ ପ୍ରତିଷ୍ଠା କରିବା ସହ ତିହିଡ଼ି କଲେଜର ସେ ପ୍ରତିଷ୍ଠାତା ସଭ୍ୟ ଥିଲେ କ୍ଷ ଗରିବ ବ୍ରାହ୍ମଣ ପିଲାଙ୍କୁ ବ୍ରତୋପନୟନ କରାଇବା, ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ନେବା ସହ ସମାଜସେବା କ୍ଷେତ୍ରରେ ବିଭିନ୍ନ ଉଲ୍ଲେଖନୀୟ ଅବଦାନ ପାଇଁ ସେ ସୁପରିଚିତ ଥିଲେ । ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ପଂଚାୟତ ପରିକ୍ରମା କରାଯିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା କ୍ଷ ବଡ଼ପୁଅ ବପୁଜୀ ନାୟକ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗ ଖବର ପାଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସରପଂଚ ଶୁଭ୍ର ନାରାୟଣ ସେଠୀ,ଭାଜପା ମଣ୍ଡଳ ସଭାପତି କେଶବ ବେହେରା ପ୍ରମୁଖ ତାଙ୍କ ବାସଭବନରେ ପହଂଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ କ୍ଷ ପୂର୍ବତନ ମନ୍ତ୍ରୀ ନେତ୍ରାନନ୍ଦ ମଲ୍ଲିକ,ଧାମନଗରର ବରିଷ୍ଠ ବିଜେଡି ନେତା ଡା. ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧକ୍ଷା ସୁଶ୍ରୀ ବିଦ୍ୟୁତଲତା ନାୟକ, ସରପଂଚ କୈଳାସ ପରିଡ଼ା, ସମିତିସଭ୍ୟ ଚିନ୍ତାମଣି ଦାସ, ନକୁଳ ଚନ୍ଦ୍ର ବାରିକ,ପ୍ରିୟବନ୍ଧୁ ମାଝୀ, ଅଭୟ ବିଶ୍ୱାଳ, ବ୍ଲକ ଉପାଧକ୍ଷାଙ୍କ ପ୍ରତିନିଧି ପ୍ରବୀର ନାୟକ, ପୂର୍ବତନ ସରପଂଚ କୀର୍ତନ ରାଉତ,ଶିକ୍ଷାବିତ ସୁରେନ୍ଦ୍ର ନାୟକ,ଯୁବନେତା ଆଶିଷ ମଲ୍ଲିକ,ହିମାଦ୍ରୀ ରାଉତରାୟ, ବିଜେଡି ନେତା ଗଣେଶ ପ୍ରସାଦ ନାୟକ, ବିଷ୍ଣୁ ଚରଣ ମହାନ୍ତି,ଉମାକାନ୍ତ ସେଠୀ,ଅଜୟ ଦାଶ,ନିତ୍ୟାନନ୍ଦ ବେହେରା ପ୍ରମୁଖଙ୍କ ସମେତ ମେଳଣ କମିଟିର ଉପସଭାପତି ପାର୍ଥସାରଥୀ ନାୟକ, ସମ୍ପାଦକ ସଚିକାନ୍ତ ନାୟକ, ପ୍ରଭାତ କୁମାର ରାଉଳ,ରମାକାନ୍ତ ନାଥ,ବିଷ୍ଣୁ ଚନ୍ଦ୍ର ଦାଶ, ଶରତ କର,ପି ହୃଷିକେଶ, କୈଳାଶ ବେହେରା,ସର୍ବେଶ୍ୱର ନାୟକ, ରାଜେଶ ନାୟକ, ହରମୋହନ ନାୟକ, ତପୁନ ପାଣି,ରାଜୀବ ନାୟକ, ଅଭିରାମ ଦାସ,ଗୋଲକ ଜେନା,କୈଳାଶ ପାତ୍ର, ପୀତବାସ ପଣ୍ଡାଙ୍କ ସହ ବହୁ ଗ୍ରାମବାସୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଖବରପାଇ ବାସୁଦେବପୁର ବିଧାୟକ ଅଶୋକ ଦାସ,ପୂର୍ବତ ବିଧାୟକ ବିଜୟ ନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତ ।

ଆନନ୍ଦପୁର ରଜ ମହୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ

ମହିଳା ଏବଂ ଶିଶୁ ବିକାଶ ବିଭାଗର କମିଶନରଙ୍କ କୋରାପୁଟ ଜିଲ୍ଲା ପରିଦର୍ଶନ

ଜୟପୁର,୨୦/୩(ନି/ପ୍ର): ମହିଳା ଏବମ୍ବ ଶିଶୁ ବିକାଶ ବିଭାଗର କମିଶନର ତଥା ସଚିବ ଡଃ ମୃଣାଳିନୀ ଦର୍ଶ୍ୱାଲ, କୋରାପୁଟ ଜିଲ୍ଲା ପରିଦର୍ଶନରେ ଆସିଥିଲେ । ପ୍ରଥମେ ସେ ସୁପୋଷିତ ଓଡିଶା ମିଶନ ଜିଲ୍ଲାସ୍ତରୀୟ କର୍ମଶାଳାକୁ ଉଦଘାଟନ କରିଥିଲେ । ମହିଳା ଏବମ୍ବ ଶିଶୁ ବିକାଶ ତରଫରୁ ନୂଆକରି ଆରମ୍ଭ ହୋଇଥିବା ମହିଳା ମାନଙ୍କ ସୁରକ୍ଷା ସମୃଦ୍ଧି ଏବମ୍ବ ଅର୍ଥନୈତିକ ପ୍ରଗତି ପାଇଁ ରାଜ୍ୟ ମହିଳା ହବ ଏବମ୍ବ ଜିଲ୍ଲା ମହିଳା ହବ ଗଠନ ହୋଇଥିବା ସମ୍ବପର୍କରେ ସମ୍ୟକ ଧାରଣା ଦେଇଥିଲେ । ସୁଭଦ୍ରା ଯୋଜନା, ମମତା ଯୋଜନା, ପୋଷଣ ଅଭିଯାନ, ମୁଖ୍ୟମନ୍ତ୍ରୀ ସମ୍ବପୂର୍ଣ୍ଣ ପୃଷ୍ଟି ଯୋଜନା, ପୂର୍ଣ୍ଣ ଆହାର ଯୋଜନାରେ ହିତାଧିକାରୀ ମାନେ ଲାଭବାନ ହୋଇପାରୁଛନ୍ତି କି ନାହିଁ ତୃଣମୂଳ ସ୍ତରରେ ଅଙ୍ଗନ୍ୱାଡି କର୍ମୀ ମାନଙ୍କୁ ମହିଳା ପରିଦର୍ଶିକାମାନଙ୍କୁ ପଚାରି ବୁଝିଥିଲେ । ଏହା ପରେ ଓ୍ୱାନ ଷ୍ଟପ ସେ[ର, ପୁଷ୍ଟି ପୁନର୍ବାସ କେନ୍ଦ୍ର, ଦୁଇଟି ଶକ୍ତି ସଦନ ସେଂଟରକୁ ଗସ୍ତ କରିଥିଲେ । ସେଠାରେ ଉପସ୍ଥିତ ମା ମାନଙ୍କ ସହିତ, ହିତାଧିକାରୀ ମାନଙ୍କ ସୁବିଧା, ସରକାରଙ୍କ ତରଫରୁ ସହାୟତା ଠିକ ସମୟରେ ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ ।

ଜଙ୍ଗଲରେ ନିଆଁ ଲଗାଇ ୨ ଗିରଫ

ପାଟଣା,୨୦/୩(ନି/ପ୍ର): ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇବା ଯୋଗୁଁ ଦୁଇ ଜଣଙ୍କୁ ଗିରଫ କରାଯାଇଛି । କେନ୍ଦୁଝର ଜିଲ୍ଲା ପାଟଣା ବନାଚଂଳ ଅନ୍ତର୍ଗତ ପୋଇପାଣି ସଂରକ୍ଷିତ ଜଙ୍ଗଲରେ ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଇବା ଯୋଗୁଁ ଦୁଇ ଜଣଙ୍କୁ ବନପାଳ ଗିରଫ କରିଛନ୍ତି । ଗିରଫ ଦୁଇ ଜଣ ଘଟଗାଁ ଥାନା ଅଚଂଳ ତୋରାଣିପୋଖରୀ ପଚାଂୟତ ଗୋପପୁର ଗ୍ରାମର କୃଷ୍ଣଚନ୍ଦ୍ର ନାୟକ ଓ ବାସୁଦେବ ନାୟକ ବୋଲି ପାଟଣା ବନପାଳ ନିରଞ୍ଜନ ସେଠୀ ଗଣ ମାଧମ ସୂଚନା ଦେଇଛନ୍ତି ।

ବିବିଧା

ବଧୂ ସାଜିବେ ଶ୍ରଦ୍ଧା

ବଲିଉଡର ଚର୍ଚ୍ଚିତ ଅଭିନେତ୍ରୀ ଶ୍ରଦ୍ଧା କପୁର ତାଙ୍କ ବିବାହକୁ ନେଇ ଖବରରେ ରହିଛନ୍ତି । ଅନେକ ଦିନ ଧରି ଶ୍ରଦ୍ଧାଙ୍କ ନାଁ ସହିତ ରାଇଟର ରାହୁଲ ମୋଦିଙ୍କ ନାଁ ଯୋଡା ହୋଇଆସୁଛି । ଏହି ଖବର ସାମ୍ନାକୁ ଆସିବା ପରେ ଶ୍ରଦ୍ଧାଙ୍କ ଜନ୍ମ ବେଶ ଏବଂ ତାଙ୍କ ପୋଷାକ ଦେଖିବାକୁ ଖୁବ୍ ଉତ୍ସାହିତ ଅଛନ୍ତି ପ୍ରଶଂସକ । ଏହାରି ମଧ୍ୟରେ ଶ୍ରଦ୍ଧାଙ୍କ ମାଉସୀ ତେଜସ୍ୱିନୀ ଅଭିନେତ୍ରୀଙ୍କ ବିବାହକୁ ନେଇ ପ୍ରତିକ୍ରିୟା ରଖିଛନ୍ତି । ଶ୍ରଦ୍ଧା କପୁରଙ୍କ ମାଉସୀ ଏକ ଇଣ୍ଟରଭ୍ୟୁରେ କହିଛନ୍ତି ଯେ, ''ସତରେ? ମୁଁ ଏହି ବିଷୟରେ ଜାଣିନାହିଁ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଶ୍ରଦ୍ଧା ପରିବାରର ପରମ୍ପରାକୁ ଆଗକୁ ବଢାଇଛନ୍ତି । ତେଣୁ ଆମେ ଗର୍ବିତ । ଶ୍ରଦ୍ଧାଙ୍କ ପାଇଁ ପରିବାରର ନା ଗୌରବ ଅର୍ଜନ କରିଛି, ସେଥିପାଇଁ ଆମେ ବହୁତ ଖୁସି।'' ସେମାନେ ପରସ୍ପର କାମ ସମ୍ପର୍କରେ ଆଲୋଚନା କରନ୍ତି ବୋଲି ମଧ୍ୟ ସେ କହିଥିଲେ । ଅନେକ ଫିଲ୍ମ ସେଟର ଫଟୋ ସେୟାର କରନ୍ତି । ଯେତେବେଳେ ସେମାନେ ଅନୁଭବ କରନ୍ତି ଯେ କିଛି ପ୍ରକୃତରେ ଉନ୍ନତ ହୋଇପାରିବ ସେତେବେଳେ ପରସ୍ପରକୁ ପରାମର୍ଶ ଦେଇଥାଆନ୍ତି । ଯଦି ଶ୍ରଦ୍ଧା ଏବଂ ରାହୁଲଙ୍କ କଥା କୁହାଯାଏ ତେବେ ସେମାନଙ୍କ ଡେଟିଂକୁ ନେଇ ସେମାନେ ୨୦୨୪ରୁ ଚର୍ଚ୍ଚାରେ ରହିଛନ୍ତି । ଯେତେବେଳେ ସେମାନଙ୍କୁ ଏକ ଡିନର ଡେଟରେ ଦେଖିବାକୁ ମିଳିଥିଲା। ବିଭିନ୍ନ ପ୍ରୋଗ୍ରାମରେ ମଧ୍ୟ ସେମାନଙ୍କୁ ଏକାଠି ଦେଖିବାକୁ ମିଳିଛି । ଏବେ ସେମାନଙ୍କ ବିବାହକୁ ନେଇ ଖବର ଜୋର ଧରିଛି । କିନ୍ତୁ ଏପର୍ଯ୍ୟନ୍ତ ଯୁଗଳ ଅଫିସିଆଲ ଭାବେ ସେମାନଙ୍କ ସମ୍ପର୍କ ବିଷୟରେ ସ୍ପଷ୍ଟ କରିନାହାଁନ୍ତି । ପ୍ରଶଂସକମାନେ ଏବେ ସେମାନଙ୍କ ବିବାହକୁ ନେଇ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ରାହୁଲ ଜଣେ ଲେଖକ ଏବଂ ଫିଲ୍ମ ନିର୍ମାତା ଭାବେ ଜଣାଶୁଣା । ସେହିପରି ଶ୍ରଦ୍ଧା ''ଇଥା'' ଫିଲ୍ମରେ ନଜର ଆସିବାକୁ ଯାଉଛନ୍ତି ।

[redacted]

ପ୍ରତି ଓଡ଼ିଆଙ୍କର ପସନ୍ଦର ଖାଦ୍ୟ ହେଉଛି ପଖାଳ । ଖରାଦିନ ଆସିଲେ ଓଡ଼ିଆଙ୍କ ଖୋଜା ପଡ଼େ ପଖାଳ କଂସା । ପଖାଳ ହେଉଛି ସଭିଙ୍କର ପ୍ରିୟ ଖାଦ୍ୟ । ଅତ୍ୟାଧୁନିକ ଜୀବନଶୈଳୀରେ ଅନେକ ପରମ୍ପରା ବଳି ପଡ଼ିଥିଲେ ବି ପଖାଳ ତା'ର ସତ୍ତା କିମ୍ବା ମହକ ହରାଇ ନାହିଁ । ଆମ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥ ବି ପଖାଳ ପ୍ରେମୀରେ। ଶ୍ରୀମନ୍ଦିରର ଟଙ୍କ ତୋରାଣି ଏହାର ପ୍ରମାଣ ରହିଛି । ଖରା ଦିନେ ପଖାଳ କଂସାରେ ହିଁ ଓଡ଼ିଆଙ୍କୁ ଶାନ୍ତି ମିଳିଥାଏ । ଓଡ଼ିଆଙ୍କ ଏହି ପାରମ୍ପରିକ ଖାଦ୍ୟକୁ ଲୋକପ୍ରିୟ କରିବା ତଥା ଗ୍ରୀଷ୍ମକୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ମାର୍ଚ୍ଚ ୨୦ ତାରିଖକୁ 'ବିଶ୍ୱବ୍ୟାପୀ ପଖାଳ ଦିବସ' ଭାବେ ଘୋଷଣା କରାଯାଇଛି। ୨୦୧୨ ମସିହାରୁ ଏହା ପାଳନ ହୋଇଆସୁଛି। ପାଖରେ କିଛି ଥାଉ କି ନଥାଉ କଂସେ ପଖାଳ ଓ ପାଖରେ ଲଙ୍କା ଓ ବଡ଼ିଚୁରା ଥିଲେ ଜମିଲା ପଖାଳ ଖାଇବା । ବିଶ୍ୱର କୋଣ ଅନୁକୋଣରେ ବାସ କରୁଥିବା ପ୍ରତ୍ୟେକ ଓଡିଆ ଏହି ଦିନଟିକୁ ଚାହିଁ ବସିଥାନ୍ତି । ହେଲେ ଗାଁଠୁ ସହର ସବୁଠି ସବୁଦିନ ଲୋକେ ଖାଇଥାନ୍ତି ପଖାଳ । ପଖାଳର ମହତ୍ୱକୁ ପରବର୍ତ୍ତୀ ପିଢ଼ି ପାଖରେ ପହଞ୍ଚାଇବା ପାଇଁ ପଖାଳ ଦିବସ ପାଳିତ ହେଉଛି । ପଖାଳ ଦିବସ ଉପଲକ୍ଷେ ଗ୍ରାହକଙ୍କ ପଖାଳ ଚାହିଦାକୁ ପୂରଣ କରିବାକୁ ଛୋଟ ବଡ଼ ହୋଟେଲଠାରୁ ଆରମ୍ଭ କରି ତାରକା ହୋଟେଲ ଗୁଡିକ ମଧ୍ୟ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଥାଏ । ଦହି ମିଶା ପଖାଳ ସାଙ୍ଗକୁ ଶାକାହାରୀଙ୍କ ପାଇଁ ଶାଗ ଭଜା, ଆଳୁ ଚକଟା, ଚିପ୍ସ, କଖାରୁ ଫୁଲ ପିଠୋଉ, ବଡ଼ି ଚୁରା ଓ ଆମ୍ବୁଲ ରାଇ ଭଳି ଖାଣ୍ଟି ଓଡ଼ିଆ ଖାଦ୍ୟ ଏବଂ ଆମିଷରେ ପଖାଳ ସହ ଚୁନାମାଛ, ଚିଙ୍ଗୁଡ଼ି ଛେଚା, ଆଦି ଗ୍ରାହକଙ୍କୁ ପରସି ଦିଆଯାଏ ।

ସଲମାନଙ୍କ ଫିଲ୍ମକୁ ନୂଆ ଟାଇଟଲ

ବଲିଉଡର ଭାଇଜାନ ସଲମାନ ଖାନଙ୍କ ବହୁ ପ୍ରତିକ୍ଷୀତ ଫିଲ୍ମ 'ବ୍ୟାଟେଲ ଅଫ୍ ଗଲୱାନ'ର ନାମ ପରିବର୍ତ୍ତନ ହୋଇଛି । ସଲମାନଙ୍କ ଫିଲ୍ମ ଏବେ ମାତୃଭୂମି : ମେ ୱାର ରେଷ୍ଟ ଇନ୍ ପିସ୍' ନାମ ରଖାଯାଇଛି । ମେକର୍ସ ଅଫିସିଆଲ ଫିଲ୍ମର ନୂଆ ନାମ ଘୋଷଣା କରିଛନ୍ତି । ଫିଲ୍ମରେ ସଲମାନ ଖାନଙ୍କର ବହୁତ ଦମଦାର ନୂଆ ପୋଷ୍ଟର ରିଲିଜ କରି ଫିଲ୍ମର ନାଁ ଘୋଷଣା କରାଯାଇଛି । ଏହି ନୂଆ ଟାଇଟଲରେ ସବୁଠାରୁ ଖାସ୍ କଥା ଏହାର ଟାଗ୍ ଲାଇନ ରହିଛି । ମାତୃଭୂମି : ମେ ୱାର ରେଷ୍ଟ ଇନ୍ ପିସ୍' (ଯୁଦ୍ଧକୁ ଶାନ୍ତି ମିଳୁ) । ଏହାସହିତ ସଲମାନ ବଡ଼ କଥା କହିଛନ୍ତି, ଯାହା କେବଳ ଯୁଦ୍ଧର କଥା ନ କରି, ସମଗ୍ର ଦୁନିଆରେ ଶାନ୍ତିର ଆଶାକୁ ଉଜ୍ଜିବୀତ କରିଛି । ତେବେ ଫିଲ୍ମର ନାମ ବାଦର ପ୍ରତିକ୍ରିୟାରେ ଅନେକ ଦିନରେ ଚାଲୁଥିବା ବିବାଦକୁ ନେଇ ପରିବର୍ତ୍ତନ କରାଯାଇଛି । ସଲମାନଙ୍କ ଏହି ଫିଲ୍ମ ଗଲୱାନ ଘାଟିର ଐତିହାସିକ ଘଟଣା ଉପର ଆଧାରିତ । ସୋସିଆଲ ମିଡିଆରେ ଏହାର ଘୋଷଣା ପରେ ଚର୍ଚ୍ଚା ଜୋର୍ ଧରିଛି । ଫିଲ୍ମର ପରିବର୍ତ୍ତନ ନାମକୁ ଫ୍ୟାନ୍ସ ପ୍ରଶଂସା କରିଛନ୍ତି ।

ଲିଭର ଓ ଫାଇବ୍ରୋସ୍କାନ୍



ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଲିଭର ସମ୍ପର୍କିତ ଜ୍ଞାନ ଆହରଣ ପାଇଁ ଫାଇବ୍ରୋ ସ୍କାନ ଏକ ଉନ୍ନତ ଧରଣର ସୂକ୍ଷ୍ମମାନର ଯନ୍ତ୍ର। ଫାଇବ୍ରୋ ସ୍କାନ ସମ୍ପର୍କରେ ଅନେକ ଜାଣି ନଥାନ୍ତି। ଲିଭରର ସ୍ଥିତି, ନିରାପଦତା ଓ କେତେ ଦୂର ଏହା କର୍ମକ୍ଷମ, କୌଣସି କ୍ଷତି ହୋଇଛି କି? ଲିଭରରେ ଯଦି କୌଣସି କ୍ଷତି ହୋଇଛି ତେବେ ତାହା କେତେ ପରିମାଣର? ଏହା ଜଣାପଡ଼ିଥାଏ ଫାଇବ୍ରୋସ୍କାନ ପରୀକ୍ଷାରୁ। ଆଜିକାଲି ଅନେକ ଲୋକ ଏହାକୁ ଅଣଦେଖା କରିବାରୁ ପ୍ରାଥମିକ ଭାବେ ଲିଭର ଖରାପ ହେଉଛି, ପରବର୍ତ୍ତୀ ସମୟରେ ଲିଭର ସିରୋସିସ ଏବଂ ସ୍ଥୂଳବିଶେଷରେ ଲିଭର ନଷ୍ଟ ହୋଇଯାଉଛି। ସେତେବେଳକୁ ଜଣକ ପାଖରେ ଆଉ କୌଣସି ସାଧନ ମଧ୍ୟ ନଥାଏ। ଲିଭର ବା ଯକୃତ (କଲିଜା) ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି। ପେଟ ଭିତର ମଧ୍ୟ ଭାଗର ଡାହାଣ ପଟକୁ ମଧ୍ୟଚ୍ଛଦାର ଠିକ୍ ତଳକୁ ଯକୃତ ରହିଥାଏ। ପଞ୍ଜରାହାଡ଼ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ରହିଥାଏ। ଏହାର ଲମ୍ବ ୨୦ସେ.ମି., ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା। କଲିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର। ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ...

ଶରୀରରେ ଲିଭରର କାର୍ଯ୍ୟ କ'ଣ?

ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧ୍ୟରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ ତିଆରି କରିବାରେ ଲିଭର ଉପାଦାନ ସୃଷ୍ଟି କରିଥାଏ। ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ, ତାହା ଯକୃତରେ ହିଁ ତିଆରି ହୁଏ। ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ। ଯକୃତ ବା କଲିଜାରେ ଚର୍ବି ଜମିଗଲେ ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ।

ଲିଭରରେ ତନ୍ତୁ କିପରି ସୃଷ୍ଟି ହୁଏ? ଲିଭର ସିରୋସିସ କ'ଣ?

ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି

ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ। ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତତନ୍ତୁ (ବାୟୋପ୍ସି) ନେଇ ପରୀକ୍ଷା କରାଯାଏ। ଏକ ଛୁଞ୍ଚି ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ। କିନ୍ତୁ ଏହା ଏକ କଷ୍ଟକର ଓ ଭୟଙ୍କର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟପାଏ। ତେଣୁ ଲିଭରକୁ କ୍ଷତି ନକରିବା କୌଣସି ପ୍ରକାର ଛୁଞ୍ଚି ଦ୍ୱାରା ଜୀବନ୍ତ ତନ୍ତୁ ନ ନେଇ ଫାଇବ୍ରୋସ୍କାନ ମାଧ୍ୟମରେ ଏହି ସୂତ୍ରତନ୍ତୁମୟତାକୁ ମାପିହେବ। ଏହା ଏକ ଅତ୍ୟାଧୁନିକ ସୂକ୍ଷ୍ମମାନର ଯନ୍ତ୍ର। ଅଲଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ୍ୟ ଏକ ଶଳାକା ଥାଏ ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଲିଜାର କଠିନତା ସମ୍ବନ୍ଧରେ ମାପିହୁଏ।

ଫାଇବ୍ରୋସ୍କାନ ପରୀକ୍ଷା କିପରି ହୁଏ ଓ ଏହା ସମସ୍ତେ କରିପାରିବେ କି?

କମ୍ପ୍ୟୁଟର ମାଧ୍ୟମରେ ଏହି ତଥ୍ୟକୁ ପର୍ଯ୍ୟବେକ୍ଷଣ କଲାପରେ ପରଦାରେ ଏହାର ମାନ ଲିଖିତ ଆକାରରେ ଦେଖାଯାଏ। ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ।

ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ। ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରୀ। ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ। ଯେଉଁମାନଙ୍କର ହୃତ୍‌ପିଣ୍ଡରେ ପେସ୍‌ମେକର ବା ଗତିଚାଳକ ଲାଗିଛି ବା ଗର୍ଭବତୀ ମହିଳାମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ। ଫାଇବ୍ରୋସ୍କାନିଂ ମାଧ୍ୟମରେ ପେଟର ଅନ୍ୟାନ୍ୟ ଅଙ୍ଗ ଯଥା ଅଗ୍ନ୍ୟାଶୟ, ପ୍ଲୀହା, ଜରାୟୁ ଓ ଖାଦ୍ୟନଳୀ ପରୀକ୍ଷା ହୋଇପାରେ ନାହିଁ। ଜନସାଧାରଣଙ୍କର ସଚେତନତା ବଢ଼ିଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧରେ ଚିକିତ୍ସା କରିବାକୁ ଓ ଟିକା ନେବାକୁ ଆଗେଇ ଆସନ୍ତି।

ଓଡ଼ିଶାରେ ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଲିଭର ସମ୍ବନ୍ଧୀୟ ଏହି ଫାଇବ୍ରୋସ୍କାନ ପରୀକ୍ଷା ବ୍ୟବସ୍ଥା କେଉଁଠି ହେଉଛି?

ଓଡ଼ିଶାରେ ସରକାରୀ ଡାକ୍ତରଖାନାରେ ଏହି ବ୍ୟୟବହୁଳ ପରୀକ୍ଷାର ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇନାହିଁ। ଓଡ଼ିଶାରେ ଯେଉଁ ଦୁଇ ତିନୋଟି ପ୍ରାଇଭେଟ ଡାକ୍ତରଖାନାରେ ଏହାର ପରୀକ୍ଷା ହେଉଛି ସେଠାରେ ଏହା ଅତ୍ୟନ୍ତ ବ୍ୟୟବହୁଳ। ବର୍ତ୍ତମାନ ସମୟରେ ଏହି ପରୀକ୍ଷା ଅତ୍ୟନ୍ତ ଜରୁରୀ। ମାଦକ ଦ୍ରବ୍ୟ ସେବନରୁ ଦୂରେଇ ରହିବା ପାଇଁ ଏହି ଫାଇବ୍ରୋ ସ୍କାନ ରୋଗୀକୁ ସତର୍କ କରିଦିଏ।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ଅବସରପ୍ରାପ୍ତ ପ୍ରଫେସର, ଲିଭର ବିଶେଷଜ୍ଞ, କଟକ,
ମୋ- ୯୪୩୭୦୫୧୯୫୭

କର୍ଡ ରାଇସ୍

୧ କପ୍ ଭାତ, ୧ କପ୍ ଦହି, ୫ଟି କଟା କଞ୍ଚାଲଙ୍କା, କଟା ହୋଇଥିବା ଅଦା, ୧ ଚାମଚ କଟା ଧନିଆ ପତ୍ର, ୩ ଚାମଚ ତେଲ, ୧ ଚାମଚ ଶୋରିଷ, ୩ ଚାମଚ ଚଣା ଡାଲି, ୨ଟି ଶୁଖିଲା ଲଙ୍କା, ୧ ଚୁଟକି ହେଙ୍ଗୁ, ୫-୬ଟି ଭୃସଙ୍ଗ ପତ୍ର, ସ୍ୱାଦ ଅନୁସାରେ ଲୁଣ।

ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଏକ ପାତ୍ରରେ ଚାଉଳ, ଦହି, କଞ୍ଚାଲଙ୍କା, ଧନିଆ ପତ୍ର ଏବଂ ଲୁଣ ଭଲ ଭାବରେ ଗୋଳାଇ ରଖନ୍ତୁ।

ଏକ ପ୍ୟାନରେ ତେଲ ଗରମ କରି ଏଥିରେ ଫୁଟଣ, ଡାଲି, ଶୁଖିଲା ଲଙ୍କା, ହେଙ୍ଗୁ ଏବଂ ଭୃସଙ୍ଗ ପତ୍ର ପକାନ୍ତୁ।

ତଡକା ପ୍ରସ୍ତୁତ ହୋଇଗଲେ ଏହାକୁ ଦହି ଭାତ ମିଶ୍ରଣରେ ପକାଇ ଗୋଳାଇ ଦିଅନ୍ତୁ।

ଏବେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ କର୍ଡ ରାଇସ୍ ବା ଦହି ଭାତ।

ପେଟ ଖରାପ ଥିଲେ କିମ୍ବା ଜ୍ୱର ହୋଇଥିଲେ ଏହି ଖାଦ୍ୟ ପାଟିକୁ ସ୍ୱାଦିଷ୍ଟ ଏବଂ ପେଟକୁ ଲାଭଦାୟକ ହେବ।

ଉତ୍କଳ ସମାଚାର

ସମ୍ପାଦକୀୟ...

ଶନିବାର ୨୧ ମାର୍ଚ୍ଚ ୨୦୨୬

ପଡ଼ୋଶୀ ପୁଞ୍ଜି

ଅତୀତର ଅନୁଭୂତି କହିଥାଏ ଯେ କେବଳ ରୁଷିଆ ହିଁ ହେଉଛି ଏକମାତ୍ର ଦେଶ ଯିଏ ଅକୁଣ୍ଠିତ ଭାବରେ ଏହା କରିଛି- ଯେମିତି କ୍ରାୟୋଜେନିକ୍ ରକେଟ୍ ଇଞ୍ଜିନ ନିର୍ମାଣ ଜ୍ଞାନକୌଶଳ । ନିଃସନ୍ଦେହରେ ଚୀନ ଠାରୁ ଏଭଳି ସହଯୋଗ ଆଶା କରାଯାଇ ପାରିବ ନାହିଁ । ଏଣୁ ଚୀନା ନିବେଶକମାନଙ୍କୁ ଭାରତରେ ପ୍ରବେଶ କରିବା ପାଇଁ ସୁଯୋଗ ଦେବା ସହିତ ଆମେ ଏଇ ପ୍ରବେଶକୁ ସାହାଣମେଲା ଶ୍ରେଣୀର ନ କରି ସେଥିପାଇଁ ସାବଧାନତାର ସହିତ ସୁଚିନ୍ତିତ ଭାବରେ କ୍ଷେତ୍ର ଚୟନ କରିବା ବୁଦ୍ଧିମାନର କାର୍ଯ୍ୟ ହେବ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟ କାଳରେ ବର୍ତ୍ତମାନ ପୃଥିବୀର ପ୍ରମୁଖ ଦେଶମାନେ ଯେଉଁଭଳି କୂଟନୈତିକ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି, ତାହାକୁ ଏଇ କାଳ ଖଣ୍ଡର ଜଟିଳତମ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଇ ପରୀକ୍ଷା ପାଇଁ ଯିଏ ପ୍ରଶ୍ନପତ୍ର ପ୍ରସ୍ତୁତ କରିଛନ୍ତି, ସିଏ ଅବଶ୍ୟ ହେଉଛନ୍ତି ଆମେରିକାର ଉଦ୍‌ଭ୍ରାନ୍ତ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ । ଏଇ ଜଟିଳତାର ଏକ ଉଦାହରଣ ସ୍ୱରୂପ କୌଣସି ଏକ ଦେଶର କୂଟନୀତି ନିର୍ଦ୍ଧାରକମାନେ ଆଜିର ଟ୍ରମ୍ପୀୟ ଦୁନିଆରେ କାହାକୁ ଶତ୍ରୁ କିମ୍ବା କାହାକୁ ମିତ୍ର ବୋଲି ବିଚାର କରି କାର୍ଯ୍ୟ କରିବେ, ସେ ସମ୍ବନ୍ଧରେ ନିଶ୍ଚିତ ହୋଇପାରୁ ନାହାନ୍ତି; କାରଣ ମିତ୍ରର ଆଚରଣ କେତେବେଳେ ଶତ୍ରୁସୁଲଭ ହେବା ବେଳେ, ଶତ୍ରୁର ଆଚରଣ ମିତ୍ରସୁଲଭ ହେବା ଦେଖାଯାଉଛି । ଯେମିତି, ଆମେରିକା ତା'ର ମିତ୍ର ଦେଶ କାନାଡାକୁ କିମ୍ବା ଡେନ୍‌ମାର୍କର ଏକ ଅଂଶ ହୋଇଥିବା ଗ୍ରୀନ୍‌ଲାଣ୍ଡକୁ ଦଖଲ କରିବାକୁ ଜୁହାଟ ଦେଇ ଚାଲିଥିବା ବେଳେ, ଭାରତ ଟ୍ରମ୍ପଙ୍କର ଟାରିଫ୍ ଧମକର ସମ୍ମୁଖୀନ ହୋଇଥିବା ସମୟରେ ଭାରତକୁ ଯିଏ ଦୃଢ଼ ନୈତିକ ସମର୍ଥନ ପ୍ରଦାନ କରିବା ଦେଖାଯାଇଛି, ସେ ହେଉଛି ତା'ର ଚିର ଶତ୍ରୁ ଦେଶ ଚୀନ । ଏଇଭଳି ଏକ ଅସ୍ଥିର ତଥା ଅଶାନ୍ତ ପରିବେଶରେ ଦେଶମାନେ ଯେତେବେଳେ କେଉଁ ପଥ ଅନୁସରଣ କରିବେ, ତାହାର ଥଳକୂଳ ପାଉ ନ ଥିବା ଦେଖାଯାଉଛି, ଭାରତ ସେତେବେଳେ କେ ?ଣସି କ୍ଷଣିକ ଆବେଗ ଦ୍ୱାରା ପରିଚାଳିତ ନ ହୋଇ ଯେଉଁଭଳି ପଟୁତା ସହିତ କେବଳ ଜାତୀୟ ସ୍ୱାର୍ଥରକ୍ଷା କରିବା ଲକ୍ଷ୍ୟ ନେଇ ଏକାଧିକ ପରସ୍ପର-ବିରୋଧୀ ଦେଶମାନଙ୍କ ସହିତ ସୁସଂପର୍କ ରକ୍ଷା କରିପାରିଛି, ତାହାକୁ ବିଜ୍ଞ ପର୍ଯ୍ୟବେକ୍ଷକମାନେ ଏକ କୂଟନୈତିକ ଚମତ୍କାରିତା ରୂପେ ବିଚାର କରୁଛନ୍ତି । ଏହାର ପ୍ରମାଣ ସ୍ୱରୂପ ଗୋଟିଏ ବାକ୍ୟରେ କୁହାଯାଇପାରେ : ଭାରତ ଏକ ସମୟରେ ରୁଷିଆରୁ ତେ ?ଲ ଆମଦାନି କରୁଛି, ଆମେରିକାରେ ପୁଞ୍ଜି ନିବେଶ କରୁଛି (ଅମ୍ବାନି ମାଧ୍ୟମରେ), ଇସ୍ରାଏଲ ସହିତ ଭ୍ରାତୃତ୍ୱ ପ୍ରଦର୍ଶନ କରୁଛି, ଇରାନ ସହିତ ବନ୍ଧୁତ୍ୱ ଘୋଷଣା କରୁଛି, ଚୀନ ସହିତ ବ୍ୟବସାୟ ସୁଗମ କରୁଛି । ଭାରତ ତା'ର ବାସ୍ତବବାଦୀ କୂଟନୀତିର ଶେଷୋକ୍ତ ଉଦାହରଣ ସ୍ୱରୂପ ଏବେ ଏକ ସଦ୍ୟ ପଦକ୍ଷେପ ଗ୍ରହଣ କରି ଭାରତରେ ଚୀନା ପୁଞ୍ଜି ନିବେଶ ପ୍ରତି ୨୦୨୦ରେ ଲାଗୁ କରିଥିବା 'ପ୍ରେସ୍ ?ନୋଟ୍-୩' ରୂପକ କୋଭିଡ୍ ପାଣ୍ଡେମିକ୍ ସମୟର କଠୋର କଟକଣା କୋହଳ କରିଦେବା ଘୋଷଣା କରିଛି । ଉଦ୍ଦେଶ୍ୟ : ଟ୍ରମ୍ପସୃଷ୍ଟ ଅସ୍ଥିରତା ଯୋଗୁଁ ଯେତେବେଳେ ଭାରତରୁ ବେ ?ଦେଶିକ ପୁଞ୍ଜି ପ୍ରତ୍ୟାହୃତ ହେବା ଦେଖାଯାଉଛି, ଏଇ ପଦେ ?କ୍ଷପ ଯୋଗୁଁ ଚୀନା ପୁଞ୍ଜିର ପ୍ରବେଶ ଦ୍ୱାରା ସେଇ ଶୂନ୍ୟସ୍ଥାନ ପୂରଣ ହୋଇପାରିବ । ଏଣିକି ଭାରତ ସହିତ ସ୍ଥଳ ସୀମା ରହିଥିବା ଦେଶମାନେ (ପ୍ରମୁଖ- ଚୀନ) କେ ?ଣସି ବିଶେଷ ସରକାରୀ ନିୟନ୍ତ୍ରଣ ବା ଅନୁମୋଦନର ସମ୍ମୁଖୀନ ନ ହୋଇ ସିଧାସଳଖ ପଥ (ଅଟୋମାଟିକ୍ ରୁଟ୍) ଦେଇ ଏକ ଭାରତୀୟ କଂପାନିରେ ପୁଞ୍ଜି ନିବେଶ କରିପାରିବେ, ଯାହାର ସର୍ବୋଚ୍ଚ ସୀମା ହେଉଛି ସଂପୃକ୍ତ କଂପାନିର 'ପେଡ୍-ଅପ୍ କ୍ୟାପିଟାଲ୍' ('ପ୍ରଦତ୍ତ ପୁଞ୍ଜି')ର ଦଶ ଶତାଂଶ । ଏହା ବାଦ୍ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ଆବଶ୍ୟକ ହେଉଥିବା ସରକାରୀ ଅନୁମୋଦନକୁ ତ୍ୱରାନ୍ୱିତ କରାଯାଇ ତାହା ସର୍ବାଧିକ ୬୦ ଦିନ ମଧ୍ୟରେ ପ୍ରଦାନ କରାଯିବା ନିମିତ୍ତ ବ୍ୟବସ୍ଥା କରାଯାଇଛି । ଏଥିରେ ଯେଉଁ ସମସ୍ତ କ୍ଷେତ୍ର ଅନ୍ତର୍ଭୁକ୍ତ ଅଛନ୍ତି, ସେଥିରେ ଅଛି ପୁଞ୍ଜି ଦ୍ରବ୍ୟ, ଇଲେକ୍ଟ୍ରୋନିକ୍ସ ପାଇଁ ପୁଞ୍ଜି ଦ୍ରବ୍ୟ, ଇଲେକ୍ଟ୍ରୋନିକ୍ ?ସ ଯନ୍ତ୍ରାଂଶ, ପଲିସିଲିକନ୍ ୱେଫର୍ ନିର୍ମାଣ ଆଦି । ତେବେ ଭାରତରେ ପଡ଼ୋଶୀ-ପୁଞ୍ଜି ନିବେଶକୁ ଏଭଳି ସୁଗମ କରାଯାଉଥିବା ସହିତ ସର୍ତ୍ତ ମଧ୍ୟ ରଖାଯାଇଛି ଯେ ଭାରତର ଯେଉଁ କଂପାନିରେ ଏହି ପଡ଼ୋଶୀ ପୁଞ୍ଜି ପ୍ରବେଶ କରିବ, ସେ କଂପାନିର ମାଲିକ ହୋଇଥିବେ ଭାରତୀୟ ଏବଂ ତା'ର ନିୟନ୍ତ୍ରଣ ରହିଥିବ ଭାରତୀୟଙ୍କ ହାତରେ । ଅର୍ଥାତ୍ ଭାରତ ବର୍ତ୍ତମାନ ତା'ର ନୀତିରେ ଆଂଶିକ ପରିବର୍ତ୍ତନ ଘଟାଇ ଏଠାରେ ଶିଳ୍ପ ବ୍ୟବସାୟରେ ସୀମିତ ଚୀନା ସଂପୃକ୍ତି ପାଇଁ ଦ୍ୱାର ଉନ୍ମୁକ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ ହେଁ, ସଂପୃକ୍ତ ଶିଳ୍ପୋଦ୍ୟୋଗର ନିୟନ୍ତ୍ରଣକୁ ଚୀନା ପ୍ରଭାବରୁ ମୁକ୍ତ ରଖିବାକୁ ଚାହେଁ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, କାରଣ ବର୍ତ୍ତମାନ ସମୟରେ ପୁଞ୍ଜି ନିବେଶ, ପ୍ରବିଧି ଓ ଜାତୀୟ ନିରାପତ୍ତା ପରସ୍ପର ସହିତ ଓତପ୍ରୋତ ଭାବରେ ଜଡ଼ିତ ହୋଇଥିବା ଦେଖାଯାଇଥାଏ । ଏଇ କାରଣରୁ ବ୍ରିଟେନ, ଆମେରିକା, ଅଷ୍ଟ୍ରେଲିଆ ଆଦି ଦେଶମାନେ ସେମାନଙ୍କର ଟେଲିକମ୍ ନେଟ୍‌ୱର୍କରେ 'ହୁଆୱେ' ପରି ଚୀନା କଂପାନିମାନଙ୍କ ଦ୍ୱାରା ନିର୍ମିତ ଯନ୍ତ୍ରପାତି ବ୍ୟବହାର ନିଷିଦ୍ଧ କରିଦେଇଛନ୍ତି, ଯଦିବା ଏଗୁଡ଼ିକର ଦକ୍ଷତା ଉଚ୍ଚମାନର ହୋଇଥାଏ ଓ ମୂଲ୍ୟ ପ୍ରତିଯୋଗିତାମୂଳକ ହୋଇଥାଏ । ସେମାନଙ୍କର ଆଶଙ୍କା ଯେ ପ୍ରତ୍ୟେକ ଚୀନା କଂପାନିର ସେ ଦେଶର ସରକାର ଓ ସେନାବାହିନୀ ସହିତ ବାଧ୍ୟତାମୂଳକ ଭାବରେ ଘନିଷ୍ଠ ସଂପର୍କ ରହିଥାଏ, ଏବଂ ଏଇ ଯନ୍ତ୍ରପାତିରେ ?ର ଲୁକ୍ ?କାୟିତ ଥିବା ଗୋପନ ସୂଚନା ସଂଗ୍ରହକାରୀ ବ୍ୟବସ୍ଥା ମାଧ୍ୟମରେ ସେମାନେ ଦୂରରେ ଥାଇ ସେ ଦେଶ ସମ୍ବନ୍ଧରେ ସ୍ପର୍ଶକାତର ତଥ୍ୟ ସଂଗ୍ରହ କରିଥାନ୍ତି । କେତେକ ଇଲେକ୍ଟ୍ରୋନିକ୍ ଉପକରଣ (ଯେମିତି ମୋବାଇଲ ଫୋନ)ର ଯନ୍ତ୍ରାଂଶରେ ମଧ୍ୟ ଏଭଳି ଗୁପ୍ତଚର କ୍ଷମତା ସ୍ଥାପନ କରାଯାଇ ପାରିବ । ଏଣୁ ଚୀନା ପୁଞ୍ଜି ନିବେଶକୁ ସୁଗମ କରାଯିବା ସଙ୍ଗେସଙ୍ଗେ, ଏହା ମଧ୍ୟ ନିଶ୍ଚିତ କରାଯିବା ଉଚିତ ଯେ ଯେପରି ଏଭଳି ସମସ୍ତ ସନ୍ଦିଗ୍ଧ ଯନ୍ତ୍ରାଂଶର ଡିଜାଇନ୍ ଓ ନିର୍ମାଣ ସଂପୂର୍ଣ୍ଣ ରୂପେ ଭାରତରେ ଅନୁଷ୍ଠିତ ହୁଏ । ଏହା ସମ୍ଭବ ହେବା ନିମିତ୍ତ ଯାହା ନିତାନ୍ତ ଆବଶ୍ୟକ, ତାହା ହେଲା ସଂପୃକ୍ତ ଦେଶ ଭାରତକୁ ଆବଶ୍ୟକ ଜ୍ଞାନକେ ?ଶଳ ସଂପୂର୍ଣ୍ଣ ରୂପେ ହସ୍ତାନ୍ତର କରିବା । କିନ୍ତୁ ଅତୀତର ଅନୁଭୂତି କହିଥାଏ ଯେ କେବଳ ରୁଷିଆ ହିଁ ହେଉଛି ଏକମାତ୍ର ଦେଶ ଯିଏ ଅକୁଣ୍ଠିତ ଭାବରେ ଏହା କରିଛି- ଯେମିତି କ୍ରାୟୋଜେନିକ୍ ରକେଟ୍ ଇଞ୍ଜିନ ନିର୍ମାଣ

ଉଚ୍ଚଶିକ୍ଷା କ୍ୟାମ୍ପସରେ ବିଭେଦର ବାସ୍ତବତା

ଆଜିକାଲି 'ମେରିଟ୍' ନାମରେ ସାମାଜିକ ନ୍ୟାୟକୁ ପ୍ରଶ୍ନ କରାଯାଉଛି । କିନ୍ତୁ ପ୍ରକୃତ ମେରିଟ୍ କେବଳ ଏକ ସମାନ ଓ ଭୟମୁକ୍ତ ପରିବେଶରେ ମଞ୍ଜୁଳିତ ହୁଏ । ଯଦି ଆରମ୍ଭ ରେଖା ଭିନ୍ନ ଥାଏ, ତେବେ ଶେଷ ଫଳାଫଳକୁ ଆଧାର କରି ନ୍ୟାୟ ବିଚାର କରିବା ଗଣତାନ୍ତ୍ରିକ ମୂଲ୍ୟବୋଧ ସହ ସମଞ୍ଜସ ନୁହେଁ । ସମାନ ସୁଯୋଗ ଓ ସମାନ ପରିବେଶ ହେଉଛି ପ୍ରତିଭା ପଲ୍ଲବିତ ହେବାର ଉର୍ବର ମାଟି । ଭାରତୀୟ ସଂବିଧାନ ସମାନତା, ସାମାଜିକ ନ୍ୟାୟ ଓ ମାନବୀୟ ମର୍ଯ୍ୟାଦାକୁ ଦେଶର ମୂଳ ଆଦର୍ଶ ଭାବେ ଗ୍ରହଣ କରିଛି । ଏହାର ବିଭିନ୍ନ ଅନୁଚ୍ଛେଦ ମାଧ୍ୟମରେ ପଛୁଆ ବର୍ଗ, ଅନୁସୂଚିତ ଜାତି-ଜନଜାତି ଓ ଅନ୍ୟ ଦୁର୍ବଳ ବର୍ଗଙ୍କ ପାଇଁ ସମାନ ସୁଯୋଗ ଓ ଶିକ୍ଷାଗତ ଉନ୍ନତିର ସାଂବିଧାନିକ ଭିତି ତିଆରି କରାଯାଇଛି । ଆରକ୍ଷଣ ନୀତି ଜରିଆରେ ଉଚ୍ଚ ଶିକ୍ଷାର ଦ୍ୱାର ଅନେକଙ୍କ ପାଇଁ ଖୋଲିଥିଲେ ମଧ୍ୟ, କ୍ୟାମ୍ପସ ଜୀବନରେ ସମାନ ସମ୍ମାନ ଓ ଭୟମୁକ୍ତ ପରିବେଶ ସବୁଠାରେ ସମ୍ଭବ ହୋଇପାରି ନାହିଁ । ଭାରତୀୟ ସଂବିଧାନ କେବଳ ଦେଶର ସର୍ବୋଚ୍ଚ ଆଇନ ପୁସ୍ତକ ନୁହେଁ; ଏହା ଦେଶର ନୈତିକ ମାର୍ଗଦର୍ଶିକା ଓ ସାମାଜିକ ପୁନର୍ଜାଗରଣର ଏକ ଭାବଗମ୍ଭୀର ଶପଥ ପତ୍ର । ଶତାବ୍ଦୀ ଧରି ଚାଲି ଆସୁଥିବା ଜାତି ଆଧାରିତ ଅସମାନତା ଓ ଅସ୍ପୃଶ୍ୟତାର ଅନ୍ଧକାରକୁ ଭେଦି ସମାନତା, ସାମାଜିକ ନ୍ୟାୟ ଓ ମାନବୀୟ ମର୍ଯ୍ୟାଦାକୁ ଏହା ରାଷ୍ଟ୍ର ଜୀବନର ମୂଳ ଆଧାର କରିଛି । ଅନୁଚ୍ଛେଦ ୧୪ ଆଇନ ସମସ୍ତଙ୍କ ସମାନତାକୁ ସୁନିଶ୍ଚିତ କରେ; ଅନୁଚ୍ଛେଦ ୧୫(୪) ଓ ୧୫(୫) ପଛୁଆ ବର୍ଗ, ଅନୁସୂଚିତ ଜାତି ଓ ଜନଜାତିଙ୍କ କଲ୍ୟାଣ ପାଇଁ ବିଶେଷ ବ୍ୟବସ୍ଥାର ସାଂବିଧାନିକ ଆଧାର ଦେଇଛି; ଅନୁଚ୍ଛେଦ ୧୬(୪) ସରକାରୀ ସେବାରେ ଆରକ୍ଷଣ ମାଧ୍ୟମରେ ସୁଯୋଗର ସମାନତାକୁ ଦୃଢ଼ କରେ; ଏବଂ ଅନୁଚ୍ଛେଦ ୪୬ ଦୁର୍ବଳ ବର୍ଗଙ୍କ ଶିକ୍ଷାଗତ ଓ ଆର୍ଥିକ ଉନ୍ନତି ପ୍ରତି ରାଷ୍ଟ୍ରର ଦାୟିତ୍ୱ ସ୍ମରଣ କରାଏ । ଏହି ଆଦର୍ଶଗୁଡ଼ିକ ସ୍ପଷ୍ଟ କରିଦେଇଛି ଯେ ଉଚ୍ଚଶିକ୍ଷା କୌଣସି ବର୍ଗ ବିଶେଷର ଏକାଧିକାର ନୁହେଁ; ଏହା ଗଣତନ୍ତ୍ରର ଏକ ସାଧାରଣ ଅଧିକାର ।ତଥାପି ପ୍ରଶ୍ନ ଉଠେ ଯେ ଆମର ଉଚ୍ଚଶିକ୍ଷା ପରିସରଗୁଡ଼ିକରେ ଏହି ଆଦର୍ଶ କେତେ ଦୂର ଜୀବନ୍ତ ଅନୁଭବରେ ପରିଣତ ହୋଇଛି ? ଆରକ୍ଷଣ ନୀତି ଅନେକ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାର ଦ୍ୱାର ଖୋଲି ଦେଇଛି, କିନ୍ତୁ ସମାନ ମର୍ଯ୍ୟାଦା ଓ ଭୟମୁକ୍ତ ପରିବେଶର ନିଶ୍ଚିତତା ସବୁଠାରେ ଦୃଢ଼ ହୋଇପାରି ନାହିଁ । ଅନେକ ସମୟରେ କ୍ୟାମ୍ପସ ଜୀବନର ଅନୁଭୂତି କହେ ଯେ ପ୍ରବେଶ ଦ୍ୱାର ଉନ୍ମୁକ୍ତ ହୋଇଥିଲେ ମଧ୍ୟ ସମ ଦୃଷ୍ଟି ଲାଭ କରିବାର ଲକ୍ଷ୍ୟ ଏ ଯାବତ୍ ମୃଗତୃଷ୍ଣା ଭଳି ହୋଇ ରହିଛି । ୨୦୨୬ ମସିହା ୧୩ ଜାନୁଆରିରେ ୟୁ.ଜି.ସି. ଦ୍ୱାରା ଜାରି "ୟୁଜିସି (ପ୍ରମୋସନ ଅଫ ଇକ୍ୱିଟି ଇନ ହାୟର ଏଡୁକେସନ ଇନ୍‌ଷ୍ଟିଟ୍ୟୁସନ୍ସ) ରେଗୁଲେସନ-୨୦୨୬'' ବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ସମାନତାକୁ ପ୍ରୋତ୍ସାହନ ନେଇ ୟୁ.ଜି.ସି. ଦ୍ୱାରା ପ୍ରଣୀତ ନିୟମାବଳୀକୁ ସମାବେଶୀ ଉଚ୍ଚଶିକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଇଥିଲା । ଧର୍ମ, ଜାତି, ଲିଙ୍ଗ, ଜନ୍ମସ୍ଥାନ କିମ୍ବା ଅସାମର୍ଥ୍ୟ ଆଦି ଆଧାରରେ ବିଭେଦର ଦୂରୀକରଣ ଏବଂ ଅନୁସୂଚିତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ଆର୍ଥିକ ପଛୁଆ ବର୍ଗ ଓ ଭିନ୍ନକ୍ଷମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସମ୍ମାନପୂର୍ଣ୍ଣ ଓ ସୁରକ୍ଷିତ ପରିବେଶ ଗଠନ ଥିଲା ଏହାର ମୂଳ ଲକ୍ଷ୍ୟ । ଏହା କେବଳ ଏକ ପ୍ରଶାସନିକ ନିୟମ ନୁହେଁ; ବସ୍ତୁତଃ ଏହା ହେଉଛି ସଂବିଧାନର ଆତ୍ମାକୁ ଶିକ୍ଷାନୁଷ୍ଠାନର ଦୈନନ୍ଦିନ ଜୀବନରେ ପ୍ରତିଷ୍ଠା କରିବାର ଏକ ପ୍ରୟାସ । କିନ୍ତୁ ୨୯ ଜାନୁଆରି, ୨୦୨୬ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏହାର କାର୍ଯ୍ୟାନ୍ୱୟନ ଉପରେ ଅନ୍ତର୍ବର୍ତ୍ତୀକାଳୀନ ସ୍ଥଗିତାଦେଶ ଜାରି କଲେ । ଏହି ଘଟଣା ସାଂବିଧାନିକ ସମୀକ୍ଷାର ଆବଶ୍ୟକତାକୁ ଉଜାଗର କରିଥିଲେ ମଧ୍ୟ ଏକ ମୂଳ ସତ୍ୟକୁ ସ୍ମରଣ କରାଏ ଯେ ସମାନତା ନୀତିର ପ୍ରୟୋଗ ସଦା ସଂବେଦନଶୀଳ ଓ ସଂବିଧାନସମ୍ମତ ହେବା ଆବଶ୍ୟକ । ବାସ୍ତବରେ ଏହି ନିୟମାବଳୀ ପଛରେ ଦୀର୍ଘ ସାମାଜିକ ଅନୁଭବ ଓ କେତେକ କରୁଣ ଘଟଣାର ପୃଷ୍ଠଭୂମି ରହିଛି । ୨୦୦୬ ମସିହାରେ ନୂଆ ଦିଲ୍ଲୀସ୍ଥିତ 'ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ସ ଅଫ ମେଡିକାଲ ସାଇନ୍‌ସେସ ବା 'ଏମ୍ସ'ରେ ଜାତି ଆଧାରିତ ବିଭେଦ ଅଭିଯୋଗ ପରେ ପ୍ରଫେସର ସୁଖଦେଓ ଥୋରାଟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୨୦୦୭ର ରିପୋର୍ଟରେ ଉଚ୍ଚ ଶିକ୍ଷା ପରିସରରେ ସୂକ୍ଷ୍ମ ଓ ପ୍ରକାଶ୍ୟ ବିଭେଦର ଅସ୍ତିତ୍ୱକୁ ଉଲ୍ଲେଖ କରିଥିଲା । ଏହି ରିପୋର୍ଟ ଦେଖାଇଥିଲା ଯେ କେତେକ ସମୟରେ ବିଭେଦ ସିଧାସଳଖ ଭାବେ ନୁହେଁ, ବରଂ ମୂଲ୍ୟାଙ୍କନ, ପ୍ରଶାସନିକ ନୀତି କିମ୍ବା ଅଦୃଶ୍ୟ ସାମାଜିକ ଦୃଷ୍ଟିଭଙ୍ଗୀ ମାଧ୍ୟମରେ ଜୀବନ୍ତ ଥାଏ । ୨୦୦୮ ମସିହାରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟରେ ଘଟିଥିବା ଦଳିତ ଗବେଷକ ଛାତ୍ର ପି. ସେନ୍ଥିଲ କୁମାରଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ପ୍ରଫେସର ବିନୋଦ ପାଭାରାଲାଙ୍କ ଅଧ୍ୟକ୍ଷତାରେ ଏକ ତଥ୍ୟ ସନ୍ଧାନ କମିଟି ଗଠନ କରାଯାଇଥିଲା । କମିଟିର ତଦନ୍ତରୁ ପ୍ରକାଶ ପାଇଲା ଯେ ସେ ଗଭୀର ଜାତିଗତ ବିଦ୍ୱେଷ, ଶିକ୍ଷାଗତ ଚାପ, ଆର୍ଥିକ ସଙ୍କଟ ଓ ଗବେଷଣା ନିର୍ଦ୍ଦେଶକ ନିଯୁକ୍ତି ସମ୍ପର୍କୀୟ ଅନିଶ୍ଚିତତା ମଧ୍ୟରେ ରହିଥିଲେ । ତା' ସହିତ, ବିଶ୍ୱବିଦ୍ୟାଳୟର ପରିସରରେ କିଛି ପ୍ରକ୍ରିୟା ଓ ପରିବେଶ ଦଳିତ ଓ ନିଷ୍ପେଷିତ ବର୍ଗ ଛାତ୍ରଛାତ୍ରୀମାନଙ୍କ ମନରେ ଅବହେଳିତ ଓ ସମାଜ ଦ୍ୱାରା ବର୍ଜିତ ହୋଇଥିବାର ଭାବନା ସୃଷ୍ଟି କରୁଥିଲା ବୋଲି କମିଟି ଉଲ୍ଲେଖ କରିଥିଲା । ଏହି ପରିସ୍ଥିତିକୁ ମନେ ରଖି କମିଟି ପକ୍ଷରୁ ଗବେଷଣା ନିର୍ଦ୍ଦେଶକ ନିଯୁକ୍ତିରେ ଅସ୍ୱଚ୍ଛତା, କାର୍ଯ୍ୟକାରୀ ଅଭିଯୋଗ ନିବାରଣ ବ୍ୟବସ୍ଥା ଓ ସମାବେଶୀ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ସୁପାରିସ କରାଯାଇଥିଲା, ଯାହା ଭବିଷ୍ୟତରେ ଏପରି ଦୁଃଖଦ ଘଟଣାର ପୁନରାବୃତ୍ତିକୁ ରୋକିବ । ପରେ ୨୦୧୨ରେ ଜାତୀୟ ଅନୁସୂଚିତ ଜାତି ଆୟୋଗଙ୍କ ଉଦ୍ୟମରେ ପ୍ରଖ୍ୟାତ ଅର୍ଥନୀତିଜ୍ଞ ଓ ଶିକ୍ଷାବିତ ପ୍ରଫେସର ବାଳଚନ୍ଦ୍ର ମୁଙ୍ଗେକରଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ତଦନ୍ତ କମିଟି ଦିଲ୍ଲୀର ବର୍ଦ୍ଧମାନ ମହାବୀର ମେଡିକାଲ କଲେଜରେ ଅନୁସୂଚିତ ଜାତିର ଛାତ୍ରମାନଙ୍କ ଉପରେ ଜାତିଗତ ଭେଦଭାବର ଅଭିଯୋଗକୁ ଗଭୀରତାର ସହ ନିରୀକ୍ଷଣ କଲା । ତଦନ୍ତରେ ଜଣାପଡ଼ିଲା ଯେ ୩୫ ଜଣ ଅନୁସୂଚିତ ଜାତି ବର୍ଗର ଛାତ୍ରଙ୍କୁ ଫିଜିଓଲୋଜି ବିଷୟରେ ପୁନଃପୁନଃ ଅସଫଳ କରାଯାଉଥିଲା, ଯେଉଁଥିରେ ଅନ୍ୟ ବିଷୟରେ ସେମାନେ ସଫଳ ହେଉଥିଲେ । କମିଟିର ରିପୋର୍ଟ ଏହାକୁ ଗୁପ୍ତ ପକ୍ଷପାତର ଚିହ୍ନ ବୋଲି ଉଲ୍ଲେଖ କଲା । ଛାତ୍ରମାନଙ୍କ ଅଭିଯୋଗକୁ ପ୍ରଶାସନ ଅଣଦେଖା କରିଥିବା ଏବଂ ନିୟମ ପ୍ରୟୋଗରେ ଅସମାନତା ରହିଥିବା କଥା ମଧ୍ୟ ଏଥିରେ ଉଲ୍ଲିଖିତ ହୋଇଥିଲା । କେତେକ ଦାୟୀ କର୍ମକର୍ତ୍ତାଙ୍କ ନାମ ଉଲ୍ଲେଖ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ସହ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ସକାଶେ କମିଟି ପକ୍ଷରୁ ସୁପାରିସ କରାଯାଇଥିଲା । ଏହି ଘଟଣା ଉଚ୍ଚଶିକ୍ଷା ପରିସରରେ ଲୁଚିଥିବା ଜାତିଆଣ ଭାବକୁ ସ୍ପଷ୍ଟ କରିଥିଲା । ମୁଙ୍ଗେକର କମିଟିର ଅବଲୋକନ ଆହୁରି ଚିନ୍ତାଜନକ ଚିତ୍ର ଦେଖାଇଥିଲା । ଏମ୍ସ, ଆଇ.ଆଇ.ଟି. ଓ ଆଇ.ଆଇ.ଏମ୍ ?. ଭଳି ଦେଶର ଶୀର୍ଷ ଶିକ୍ଷାନୁଷ୍ଠାନରେ ସଂସ୍ଥାଗତ ପୃଥକ୍‌କରଣ, ବହିଷ୍କାର, ମୂଲ୍ୟାଙ୍କନରେ ଅଦୃଶ୍ୟ ପକ୍ଷପାତ ଓ ପ୍ରଶାସନିକ ଅସମ୍ବେଦନଶୀଳତାର ଉଦାହରଣ ଏଥିରେ ଉଲ୍ଲେଖ ହୋଇଥିଲା । ଏହା ସ୍ପଷ୍ଟ କରିଦେଲା ଯେ ସଂସ୍ଥାଗତ ବିଭେଦ କୌଣସି କଳ୍ପନାର ବିଷୟବସ୍ତୁ ନୁହେଁ; ଏହା ଅନେକ ଛାତ୍ରଛାତ୍ରୀଙ୍କ ପାଇଁ ଏକ କଠୋର ବାସ୍ତବତା । ଏହି ବାସ୍ତବତାର ସବୁଠୁ ଦୁଃଖଦ ପରିଣତି ଆମେ କେତେକ ଆତ୍ମହତ୍ୟା ଘଟଣାରେ ଦେଖୁଛୁ । ୨୦୧୬ରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପିଏଚ୍‌ଡି ଗବେଷକ ରୋହିତ ଭେମୁଲାଙ୍କ ମୃତ୍ୟୁ ସାରା ଦେଶକୁ ଉଦ୍‌ବିଗ୍ନ କରିଥିଲା । ୨୦୧୯ରେ ମହାରାଷ୍ଟ୍ରର ଏକ ମେଡିକାଲ କଲେଜର ରେସିଡେଣ୍ଟ ଡାକ୍ତର ପାୟଲ ସଲିମ ତଡ଼ଭିଙ୍କ ଆତ୍ମହତ୍ୟା ମଧ୍ୟ ଜାତିଗତ ଉତ୍ପୀଡ଼ନର ପୃଷ୍ଠଭୂମିରେ ଘଟିଥିବାର ଅଭିଯୋଗ ଆଲୋଚନାର କେନ୍ଦ୍ର ହୋଇଥିଲା । ଏହି ଘଟଣାମାନ କ୍ୟାମ୍ପସ ଜୀବନର ଏହି କଠୋର ସତ୍ୟକୁ ପ୍ରକାଶ କରେ ଯେ ଅସମ୍ବେଦନଶୀଳ ପରିବେଶ କେବେ କେବେ ଜଣେ ମଣିଷର ସ୍ୱପ୍ନକୁ ମାତ୍ର ନୁହେଁ, ଜୀବନକୁ ମଧ୍ୟ ନିର୍ମମ ଭାବରେ ଭାଙ୍ଗି ଦେଇପାରେ । ଏହି ପରିପ୍ରେକ୍ଷୀରେ "ସଂସ୍ଥାଗତ ହତ୍ୟା" ଶବ୍ଦଟି ସାମାଜିକ ଚର୍ଚ୍ଚାରେ ପ୍ରଚଳିତ ହୋଇଛି । ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ନିବାରଣ) ଆଇନ, ୧୯୮୯ ରହିଥିଲେ ମଧ୍ୟ ସୂକ୍ଷ୍ମ ବିଭେଦ ଅନେକ ସମୟରେ ଆଇନର ଆଖିକୁ ଏଡ଼ାଇଯାଏ । ଟହିଟାପରା, ଜାତିଗତ ଟିପ୍ପଣୀ, ମୂଲ୍ୟାଙ୍କନରେ ପକ୍ଷପାତ, କିମ୍ବା ଆରକ୍ଷିତ ପଦଗୁଡ଼ିକୁ ଖାଲି ରଖିଦେବା- ଏହି ସବୁ ଅଦୃଶ୍ୟ ବିଭେଦର ରୂପ । ଅନେକ ସମୟରେ ଏଗୁଡ଼ିକ ଆଇନର ପରିଧିରେ ସହଜରେ ଧରାପଡ଼େ ନାହିଁ, କିନ୍ତୁ ଏହାର ପ୍ରଭାବ ଛାତ୍ରଛାତ୍ରୀମାନଙ୍କ ମନୋବଳ ଓ ଜୀବନ ପଥରେ ଗଭୀର ଛାୟା ପକାଏ । ଆଜିକାଲି 'ମେରିଟ୍' ନାମରେ ସାମାଜିକ ନ୍ୟାୟକୁ ପ୍ରଶ୍ନ କରାଯାଉଛି । କିନ୍ତୁ ପ୍ରକୃତ ମେରିଟ୍ କେବଳ ଏକ ସମାନ ଓ ଭୟମୁକ୍ତ ପରିବେଶରେ ମଞ୍ଜୁଳିତ ହୁଏ । ଯଦି ଆରମ୍ଭ ରେଖା ଭିନ୍ନ ଥାଏ, ତେବେ ଶେଷ ଫଳାଫଳକୁ ଆଧାର କରି ନ୍ୟାୟ ବିଚାର କରିବା ଗଣତାନ୍ତ୍ରିକ ମୂଲ୍ୟବୋଧ ସହ ସମଞ୍ଜସ ନୁହେଁ । ସମାନ ସୁଯୋଗ ଓ ସମାନ ପରିବେଶ ହେଉଛି ପ୍ରତିଭା ପଲ୍ଲବିତ ହେବାର ଉର୍ବର ମାଟି । 'ବିକଶିତ ଭାରତ'ର ସ୍ୱପ୍ନ କେବଳ ଆର୍ଥିକ ସଂଖ୍ୟାତ୍ମକ ବୃଦ୍ଧିରେ ନୁହେଁ; ସାମାଜିକ ସମାନତା ଓ ମାନବୀୟ ମର୍ଯ୍ୟାଦାର ସ୍ଥାପନାରେ ଏହାର ସାର୍ଥକତା ରହିଛି । ଯେ ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ପରିସରରେ ଜାତି ଆଧାରିତ ବିଭେଦ ଓ ଅସମ୍ବେଦନଶୀଳତା ରହିବ, ସେ ପର୍ଯ୍ୟନ୍ତ ଗଣତନ୍ତ୍ରର ଆଦର୍ଶ ଅପୂର୍ଣ୍ଣ ରହିବ । ଶିକ୍ଷାୟତନ କେବଳ ପାଠ ଦାନର କେନ୍ଦ୍ର ନୁହେଁ; ଏହା ଚିନ୍ତନ, ସଂଳାପ ଓ ସାମାଜିକ ପରିବର୍ତ୍ତନର ପ୍ରୟୋଗଶାଳା । ଏହି ପରିସରଗୁଡ଼ିକରେ ଯେଉଁ ଦିନ ସମାନତା ଓ ସମ୍ମାନର ପରିବେଶ ସତ୍ୟ ସାର୍ଥକ ଭାବରେ ଗଢ଼ି ଉଠିବ, ସେଦିନ ସଂବିଧାନର ଆଦର୍ଶ କେବଳ ପୁସ୍ତକର ପୃଷ୍ଠାରେ ନୁହେଁ, ଦୈନନ୍ଦିନ ଜୀବନରେ ମଧ୍ୟ ପ୍ରତିଫଳିତ ହେବ । ତେଣୁ ନୀତିଗତ ପଦକ୍ଷେପ ସହିତ ସମାଜର ମନୋଭାବରେ ପରିବର୍ତ୍ତନ ମଧ୍ୟ ସମାନ ଭାବରେ ଆବଶ୍ୟକ । କ୍ୟାମ୍ପସ ଯେତେବେଳେ ସବୁ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଭୟମୁକ୍ତ, ବିଭେଦମୁକ୍ତ ଓ ସମ୍ମାନସମ୍ପନ୍ନ ଆଶ୍ରୟ ସ୍ଥଳରେ ପରିଣତ ହେବ- ସେଦିନ ହିଁ ଗଣତନ୍ତ୍ରର ସତ୍ୟ ସଫଳତା ଲାଭ କରିବ ।

ନେତାଙ୍କ ବିବେକ

ନିକଟରେ କଂଗ୍ରେସ ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼୍ ?ଗେ ଏକ ଚାଂଚଲ୍ୟକର ତଥ୍ୟ ପ୍ରକାଶ କରିଛନ୍ତି । ଓଡ଼ିଶାରେ ସଦ୍ୟ ସମାପ୍ତ ହୋଇଥିବା ରାଜ୍ୟସଭା ନିର୍ବାଚନର ପ୍ରସ୍ତୁତି କାଳରେ ସେ ଘୋଷଣା କରିଥିଲେ ଯେ ବିଧାୟକମାନଙ୍କର 'ବିବେକ' ଅଛି । ଲାଗୁଛି ଏହା ଯେମିତି ନିଉଟନଙ୍କର ମାଧ୍ୟାକର୍ଷଣ ଶକ୍ତି କିମ୍ବା କଲମ୍ବସଙ୍କର ଆମେରିକା ଆବିଷ୍କାର ଠାରୁ ବି ଅଧିକ ଗୁରୁତ୍ୱପୂର୍ଣ୍ଣ ଏକ ଆବିଷ୍କାର । ଆମେ ଯେଉଁମାନେ ଆଜି ଯାଏ ଏହି ଭ୍ରମାତ୍ମକ ଧାରଣା ସହ ବଞ୍ଚି ରହିଥିଲୁ ଯେ ରାଜନୀତିଜ୍ଞମାନେ କେବଳ ହାତ, ପାଦ, ମୁଣ୍ଡ ଇତ୍ୟାଦିର ସମାହାରରେ ଗଢ଼ା, ଆଜି ଜାଣିବାକୁ ପାଇଲୁ ସେମାନଙ୍କ ଠାରେ 'ବିବେକ' ନାମକ ଏକ ବିରଳ ଜିନିଷଟି ମଧ୍ୟ ରହିଛି । ଅବଶ୍ୟ, ଏହି ବିବେକର ସ୍ୱଭାବ ଓ ଚରିତ୍ର ନେଇ କିଛି ଜିଜ୍ଞାସା ରହିଯାଇଛି । ସାଧାରଣ ମଣିଷର ବିବେକ ସେମାନଙ୍କର ହୃଦୟ ପାଖାପାଖି କେଉଁଠି ଥାଏ ବୋଲି ଆମର ଧାରଣା । ହେଲେ ନେତାଙ୍କ ବିବେକ ନିଶ୍ଚୟ ରହିଥିବ ସେମାନଙ୍କ ପକେଟ ଆଖପାଖରେ । ଏଇ ବିବେକର ଏକ ଅଦ୍ଭୁତ ବୈଶିଷ୍ଟ୍ୟ ହେଲା- ଟଙ୍କା କିମ୍ବା ପଦ ପଦବିର ଗନ୍ଧ ପାଇଲା କ୍ଷଣି ଏହା ସକ୍ରିୟ ହୋଇ ଉଠେ । ଖଡ଼୍ ?ଗେ ସାହେବ ଯେଉଁ ବିବେକର କଥା କହିଛନ୍ତି, ସେହି ବିବେକଟି ଅସଲରେ ଗୋଟିଏ ଭ୍ରାମ୍ୟମାଣ ବସ୍ତୁ । ରାଜ୍ୟସଭା ନିର୍ବାଚନ ହେଉ କି ସାଧାରଣ ନିର୍ବାଚନ ପରର ଝୁଲା ପରସ୍ଥିତି ହେଉ କିମ୍ବା ଅନାସ୍ଥା ପ୍ରସ୍ତାବ ସମୟ ହେଉ; ସେତେବେଳେକୁ ଏଇ ବିବେକଟି ଗୋଟିଏ ନିଲାମର ବସ୍ତୁରେ ପରିଣତ ହୋଇଯାଏ । କ୍ରେତାମାନେ ଧାଡ଼ି ବାନ୍ଧି ଛିଡ଼ା ହୋଇଥାନ୍ତି । ଯିଏ ସର୍ବୋଚ୍ଚ ଦର ଦେଇ ପାରନ୍ତି, ବିବେକଟି ସେଇ ଆଡ଼କୁ ଢଳି ପଡ଼େ । ଏଇ ପ୍ରକ୍ରିୟାକୁ ରାଜନୈତିକ ପରିଭାଷାରେ କୁହାଯାଏ, 'ଆଦର୍ଶର ଲଢ଼େଇ' । ରାଜନୀତିବିତ୍ ?ମାନଙ୍କର ବିବେକଟି ପ୍ରଚୁର ସୁବିଧାବାଦୀ । ଦଳ ବଦଳର ସମୟ ଆସିଗଲେ ଏହା ଲମ୍ଫ ଡିଆଁ ମାରି ଗୋଟିଏ ଦଳରୁ ଅନ୍ୟ ଏକ ଦଳକୁ ଚାଲିଯାଏ । କାଲି ଯେଉଁ ବିବେକ କହୁଥିଲା 'ମୁଁ ବାମବାଦୀ', ଆଜି ସେ ଛାତିରେ ହାତ ବାଡ଼େଇ କହୁଛି 'ମୁଁ ମୂଳରୁ ଦକ୍ଷିଣପନ୍ଥୀ' । ମଝିରେ ହୁଏତ ମୋଟା ଅଙ୍କର ବ୍ୟାଙ୍କ ଟ୍ରାନ୍ସଫରଟି ସମ୍ପୂର୍ଣ୍ଣ ହୋଇଯାଇଛି । ସବୁଠୁ ମଜାର କଥା ହେଲା, ଏଇ ବିବେକ ମନ୍ତ୍ରୀ ପଦ କିମ୍ବା ସରକାରୀ ଉଦ୍ୟୋଗର ମୁଖ୍ୟ ଭଳି ପଦ ପଦବିର ଗନ୍ଧ ପାଇଲେ ସମ୍ପୂର୍ଣ୍ଣ ଭାବେ ଅଜ୍ଞାନ ହୋଇଯାଏ । ସେତେବେଳେ ଆଉ କେଉଁ ନୀତି-ଆଦର୍ଶ କିମ୍ବା କୋଣସି ପୂର୍ବ ପ୍ରତିଶ୍ରୁତି କାମ କରେ ନାହିଁ । ସେତେବେଳେ କେବଳ ଗୋଟିଏ ହିଁ ମନ୍ତ୍ର, 'ପଦ ମିଳିଲେ ବିବେକ ବିକ୍ରୟଯୋଗ୍ୟ' । ଓଡ଼ିଶାରେ ରାଜ୍ୟସଭା ନିର୍ବାଚନ ଶେଷ ହୋଇଗଲା । ବିଜେପି, ବିଜେଡି ଓ କଂଗ୍ରେସ ସମସ୍ତେ ନିଜ ନିଜର ବିବେକର ରାଣ ଖାଇଲେ । କିନ୍ତୁ ସତ କଥାଟି ହେଲା, ଭୋଟ ଦିନର ପୂର୍ବ ରାତି ପର୍ଯ୍ୟନ୍ତ କାହାର ବିବେକ କୁଆଡ଼େ ଯିବ, ତାହା କହିବା ଅସମ୍ଭବ ଥିଲା । ବିବେକ ତ ଏକ ସ୍ଥିର ବସ୍ତୁ ନୁହେଁ, ଏହାର ଏକ ତରଳତା ଅଛି- ଯେଉଁ ଆଡ଼କୁ ଢାଲୁ, ସେଇ ଆଡ଼କୁ ଗଡ଼ିଯିବା ଏହାର ଧର୍ମ । ଖଡ଼୍‌ଗେ ମହାଶୟ କହିଲେ, ବିଧାୟକମାନଙ୍କର ନିଜ ନିଜ ବିବେକ ରହିଛି ଏବଂ ସେହି ବିବେକ ଅନୁସାରେ ସେମାନେ ଭୋଟ ଦେବେ । ଆମେ ସାଧାରଣ ମଣିଷମାନେ ଏମିତି ଆଶ୍ୱାସନାବାଣୀ ଶୁଣି ଆଶ୍ୱସ୍ତ ଅନୁଭବ କରୁ । ଏବେ ଦେଖିବାର କଥା ଏଇ ବିବେକର ଦାମ୍ କେତେ ଚଢ଼ିଥିଲା । ଉଚ୍ଚ ପଦ, ଟଙ୍କା, ସିବିଆଇ-ଇଡି ନଜରରୁ ମୁକ୍ତି ନେତାମାନଙ୍କର ବିବେକର ଆହୁରି କେତେସବୁ ଚମକପ୍ରଦ ବୈଶିଷ୍ଟ୍ୟ ରହିଛି । ଏହା ମୂଳତଃ ଆମ୍ବ, ଲିଚୁ ଭଳି ଋତୁ-ନିର୍ଦ୍ଦିଷ୍ଟ ଫଳ ସଦୃଶ- ନିର୍ବାଚନ ପୂର୍ବରୁ ଖୁବ୍ ଅଧିକ ଦେଖାଯାଏ, ନିର୍ବାଚନ ପରେ କୁଆଡ଼େ ଉଭେଇ ଯାଏ । ନିର୍ବାଚନ ପ୍ରଚାର ସମୟରେ ପ୍ରତି ପ୍ରାର୍ଥୀଙ୍କର ବିବେକ ଜନଗଣର ସେବା ପାଇଁ ନିବେଦିତ ଥାଏ, କିନ୍ତୁ ବିଜୟୀ ହେବା ସାଙ୍ଗେ ସାଙ୍ଗେ ଏହି ବିବେକ ଦୀର୍ଘକାଳୀନ ଛୁଟିରେ ଚାଲି ଯାଏ । ଆହୁରି ମଜାର କଥା ହେଲା, ରାଜନୈତିକ ବିବେକ ଗୋଷ୍ଠୀଗତ ଜୀବନ ଯାପନ କରିବାକୁ ଭଲ ପାଏ । ଏହା ଏକୁଟିଆ ଭାବରେ କିଛି କାମ କରେନାହିଁ । ଯେତେବେଳେ ଦଳର ଦଶ ଜଣ ବିଧାୟକ ଏକାସାଙ୍ଗରେ ଦଳ ବଦଳ କରନ୍ତି, ସେତେବେଳେ ତାଙ୍କର ଦଶଗୋଟି ବିବେକ ହାତ ଧରାଧରି ହୋଇ କୁଦାଟିଏ ମାରନ୍ତି । ଏହି ଦୃଶ୍ୟ ଦେଖିଲେ ମନେ ହୁଏ, ବିବେକକୁ ବି ଦଳୀୟ ଶୃଙ୍ଖଳା ମାନି ଚଳିବାକୁ ପଡ଼େ । ରାଜନୀତିଜ୍ଞଙ୍କ ବିବେକର ଆଉ ଗୋଟିଏ ବିଶେଷତ୍ୱ ହେଲା ଏହାର ସ୍ମରଣ ଶକ୍ତି । ଗତ ନିର୍ବାଚନରେ ଯେଉଁ ବିବେକ ପ୍ରତିପକ୍ଷକୁ 'ଦୁର୍ନୀତିବାଜ' ଘୋଷଣା କରିଥିଲା, ଏଇ ନିର୍ବାଚନରେ ସେଇ ସମାନ ବିବେକ ତାଙ୍କୁ 'ମହାନ ଜନନାୟକ' ବୋଲି ଅଭିହିତ କରୁଛି । ବିବେକର ଏହି ଦୁର୍ବଳ ସ୍ମରଣ ଶକ୍ତି ବିଷୟରେ ମନୋବିଜ୍ଞାନୀମାନେ ମଧ୍ୟ ଗବେଷଣା କରିବା ଉଚିତ । ନେତାଙ୍କ ବିବେକର ସୁରକ୍ଷା ପାଇଁ ରାଜନୈତିକ ଦଳଗୁଡ଼ିକ ଏବେ ଏକ ଆଧୁନିକ ପଦ୍ଧତି ଅବଲମ୍ବନ କରୁଛନ୍ତି । ନିର୍ବାଚନ ପରେ ପରେ ନବ ନିର୍ବାଚିତ ବିଧାୟକମାନଙ୍କୁ ଉଠେଇ ନିଆଯାଏ ଦୂରରେ ଅବସ୍ଥିତ କେଉଁ ରିସର୍ଟକୁ । ଏହି ପ୍ରକ୍ରିୟାକୁ ଆମେ କହି ପାରିବା 'ବିବେକ ସଂରକ୍ଷଣ ଅଭିଯାନ' । ଅସଲରେ ଏହା ହେଲା ବିବେକ-ଚୋରି ଏଡ଼େଇବାର ଉପାୟ । ପ୍ରତିପକ୍ଷ ଯେମିତି ଆସି ବିଧାୟକମାନଙ୍କର ବିବେକ କିଣି ନେଇ ନ ପାରେ, ସେଥି ପାଇଁ ସେମାନଙ୍କୁ ଲୁଚେଇ ରଖାଯାଏ ପାଂଚ-ତାରକା ହୋଟେଲରେ । ଓଡ଼ିଶା ରାଜ୍ୟସଭା ନିର୍ବାଚନରେ ବି କଂଗ୍ରେସବାଲା ବିଧାୟକମାନଙ୍କୁ ଠୁଳ କରି 'ଘୋଡ଼ର-ବେପାର'ରୁ ଦୂରରେ ରଖିବା ପାଇଁ ବାଙ୍ଗାଲୋର ନେଇ ଯାଇଥିଲେ । ଅବଶ୍ୟ କେତେ ଜଣ ଗଲେ ଆଉ କେତେ ଜଣ ଗଲେ ନାହିଁ, ସେ କଥା ଅଲଗା । ଏଇ ରିସର୍ଟ ରାଜନୀତିର ଚିତ୍ର ବଡ଼ ମଜାଦାର । ବିଧାୟକମାନେ ସେଠି ବସ୍ତୁତଃ ବନ୍ଦୀ ଅବସ୍ଥାରେ ରହନ୍ତି । ମୋବାଇଲ ଫୋନ ନେଇ ନିଆଯାଏ, ବାହାର ଜଗତ ସହ ଯୋଗାଯୋଗ ବିଚ୍ଛିନ୍ନ କରାଯାଏ । କାରଣ ବିବେକ ସମ୍ବେଦନଶୀଳ- ବାହାରର ହାୱା ବାଜିଲେ ହିଁ ଦିଗ ପରିବର୍ତ୍ତନ କରିପାରେ, ତେଣୁ ବିବେକକୁ ଗୃହବନ୍ଦୀ କରି ରଖିବା ନିରାପଦ । ଏହା ହେଲା 'ବିବେକର କ୍ୱାରେଣ୍ଟିନ୍' । ବାସ୍ତବିକ, ନେତାଙ୍କ ବିବେକ ବିଷୟରେ ଅଧିକ ଗବେଷଣା ହେବା ଉଚିତ, କାରଣ ଏଭଳି ନମନୀୟ, ସୁବିଧାବାଦୀ ଓ ମୂଲ୍ୟ-ସମ୍ବେଦନଶୀଳ ଜିନିଷ ଦୁନିଆରେ ବିରଳ ।

ଢିଙ୍କିଶାଳରୁ ଢେଙ୍କାନାଳ ; ଓଡ଼ିଆ ସିନେମା : ବାଟ ଲେଉଟାଣି ବେଳ

ବହୁବର୍ଷ ତଳେ ବାଟ ହୁଡ଼ି ଅବାଟରେ ଅନେକ ବାଟ ମାଡ଼ିଗଲା ପରେ ପ୍ରାୟ ଦୁଇ ବର୍ଷ ହେଲା ଓଡ଼ିଆ ସିନେମା ପୁଣି ବାଟକୁ ଫେରିଲା ପରି ମନେ ହେଉଛି । କିଛି ପ୍ରତିଭାବାନ ଉଦୀୟମାନ ନିର୍ଦ୍ଦେଶକ, ଲେଖକ ଓ କଳାକାରଙ୍କର ଆବିର୍ଭାବ ଓଡ଼ିଆ ସିନେମା ଜଗତରେ ଆଶାର ସଚାଂର କରିଛି । ପୂର୍ବାପେକ୍ଷା ଯଥେଷ୍ଟ ଅଧିକ ସଂଖ୍ୟକ ଓଡ଼ିଆ ସିନେମା ନିର୍ମିତ ହେଉଛି (୨୦୨୩ ମସିହାରେ ଏହି ସଂଖ୍ୟା ୪୯ରେ ପହଞ୍ଚି ଏକ ନୂଆ କୀର୍ତ୍ତିମାନ ସ୍ଥାପିତ ହୋଇଛି) । ଓଡ଼ିଆ ସିନେମା ପ୍ରତି ସମ୍ପୂର୍ଣ୍ଣ ବିମୁଖ ହୋଇପଡ଼ିଥିବା ଦର୍ଶକ ପୁଣିଥରେ ପ୍ରେକ୍ଷାଳୟମୁହାଁ ହୋଇଛନ୍ତି । ରାଜ୍ୟରେ ପ୍ରେକ୍ଷାଳୟର ଗୁରୁତର ଅଭାବକୁ ବଡ଼ ସହରମାନଙ୍କରେ ଗଢ଼ିଉଠୁଥିବା ମଲ୍‌ଟିପ୍ଲେକ୍ସଗୁଡ଼ିକ କିଛି ପରିମାଣରେ ଭରଣା କରିଥିଲା ବେଳେ ଡିଜିଟାଲ ଟେକ୍‌ନୋଲୋଜିର ଦ୍ରୁତ ଉନ୍ନତି ଓ ଅଭିବୃଦ୍ଧି ତଥା ଓ.ଟି.ଟି.ର ଆବିର୍ଭାବ ଅନେକ ଆଶାୟୀ, ଉତ୍ସାହୀ ଚଳଚ୍ଚିତ୍ର ନିର୍ମାତାଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିଛି । ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଚରମ ଦୁର୍ଦ୍ଦିନ ମଧ୍ୟରେ ଗତି କରିଥିବା ଓଡ଼ିଆ ସିନେମା ଜଗତ ପାଇଁ ଏହାଠାରୁ ଅଧିକ ଉତ୍ସାହଜନକ ଆଉ କ'ଣ ବା ହୋଇପାରିଥାନ୍ତା ? ଓଡ଼ିଆ ସିନେମାର ଏ ''ବାଟ ଲେଉଟାଣି'' ଦୁଇ ବର୍ଷ ତଳେ ବିଶାଳ ମୌର୍ଯ୍ୟ ଓ ଦେବୀପ୍ରସାଦ ଲେଙ୍କା ନିର୍ଦ୍ଦେଶିତ ତଥା ବାବୁଶାନ ମହାନ୍ତି ଅଭିନୀତ ''ଦମନ''ରୁ ଆରମ୍ଭ ହେଲା ବୋଲି କୁହାଯାଇପାରେ । ଦୁର୍ଗମ, ଆଦିବାସୀ ଅଧ୍ୟୁଷିତ ଅଂଚଳରେ ମ୍ୟାଲେରିଆ ନିରାକରଣ ପାଇଁ ପ୍ରତିଶ୍ରୁତିବଦ୍ଧ ଜଣେ କର୍ତ୍ତବ୍ୟନିଷ୍ଠ ଡାକ୍ତରଙ୍କ ବେସାଲିସ ସଂଘର୍ଷର ଏ କାହାଣୀ ଅନେକ ଦିନ ପରେ ଓଡ଼ିଆ ଦର୍ଶକଙ୍କୁ ପ୍ରେକ୍ଷାଳୟକୁ ଫେରାଇ ଆଣିଲା । ଫିଲ୍ମଟି ଭରପୂର ଦର୍ଶକୀୟ ଆଦୃତି ପାଇଲା । ସେହି ବର୍ଷ ଆସିଲା ବିଶିଷ୍ଟ ମଂଚ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ସ୍ୱର୍ଗତ ଅମୀୟ ପଟ୍ଟନାୟକଙ୍କ ଦାୟାଦ ଅନୁପମ ପଟ୍ଟନାୟକ ନିର୍ଦ୍ଦେଶିତ ''ପ୍ରତୀକ୍ଷା'', ଯାହା ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ଜାତୀୟ ପୁରସ୍କାର ପାଇଲା । ଏ ଦୁଇଟି ଚଳଚ୍ଚିତ୍ରର ସଫଳତା ପରବର୍ତ୍ତୀ ସମୟରେ ଆହୁରି ଅନେକ ''ଭଲ'' ଓଡ଼ିଆ ସିନେମା ପାଇଁ ବାଟ ଫିଟାଇ ଦେଲା । ଏହି କ୍ରମରେ ଯେଉଁ କେତେଟି ଚଳଚ୍ଚିତ୍ରର ନାମ ଉଲ୍ଲେଖନୀୟ, ସେଗୁଡ଼ିକ ହେଲା ପିନାକୀ ସିଂ ଓ ଶିଶିର କୁମାର ସାହୁ ନିର୍ଦ୍ଦେଶିତ ''ଫାଲ୍ ?ଗୁନ ଚୈତ୍ର'' ଓ ''ମାଇଁ ସୁଇଟ୍ ହାଉସ ୱାଇଫ୍'', ଶୁଭ୍ରାଂଶୁ ଦାସ ନିର୍ଦ୍ଦେଶିତ ''ପୁଷ୍କରା'', ଅନୁପମ ପଟ୍ଟନାୟକ ନିର୍ଦ୍ଦେଶିତ ''ତ୍ରିକନ୍ୟା'', ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ଘଟଣା ଉପରେ ଆଧାରିତ ଓ ରାଜେଶ ଟଚ୍ ରିଭର ନିର୍ଦ୍ଦେଶିତ ''ମାଇଣ୍ଡ ଗେମ୍'', ଶୁଭେନ୍ଦୁ ବିଶ୍ୱାଳ ନିର୍ଦ୍ଦେଶିତ ନାରୀ ସ୍ୱାଧୀନତାର କାହାଣୀ ''ଏଇ ଆକାଶ ତଳେ'' ଓ ରାଜେନ୍ଦ୍ର ମହାନ୍ତି ନିର୍ଦ୍ଦେଶିତ ''ନିର୍ଣ୍ଣୟ'' । ''ଦମନ'' ଆସିବାର ବର୍ଷକ ପୂର୍ବରୁ ଯୁବ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ନିର୍ଦ୍ଦେଶିତ ''ଏଡିଉ ଗୋଦାର୍ଦ'' ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବମାନଙ୍କରେ ପ୍ରଶଂସା ଓ ପୁରସ୍କାର ଲାଭ କରିଥିଲା । ଏ ସବୁ ଚଳଚ୍ଚିତ୍ରର ସଫଳତା ପ୍ରମାଣ କଲା ଯେ ଓଡ଼ିଆ ସିନେମା ପାଇଁ ଦର୍ଶକଙ୍କ ମଧ୍ୟରେ ଆଗ୍ରହ ଏବେ ବି ଅତୁଟ ଅଛି । ସର୍ତ୍ତ କେବଳ ଏତିକି ଯେ କାହାଣୀରେ ଦମ୍ ଥିବା ଦରକାର, ପରିବେଷଣରେ ଏକ ନୂତନତ୍ୱ ଥିବା ଦରକାର । ଓଡ଼ିଆ ଦର୍ଶକଟିଏ ସେଥିରେ ନିଜକୁ, ନିଜ ପରିଚିତଙ୍କୁ, ନିଜ ଦୈନନ୍ଦିନ ଜୀବନକୁ, ନିଜ ପରିବେଶକୁ ପାଇବା ଦରକାର । ପ୍ରେକ୍ଷାଳୟମାନଙ୍କରେ ବ୍ଲକ୍ ?ବଷ୍ଟର ବଲିଉଡ୍ ଓ ହଲିଉଡ୍ ସିନେମା ଓ ଓ.ଟି.ଟି.ରେ ଉପଲବ୍ଧ ଭାରତୀୟ ଆଂଚଳିକ ଭାଷାରେ ନିର୍ମିତ ଛବି ସମେତ ପୃଥିବୀର ଶ୍ରେଷ୍ଠ ସିନେମା ଦେଖୁଥିବା ଓଡ଼ିଆ ଦର୍ଶକ ଯେ ଓଡ଼ିଆ ସିନେମା ପ୍ରତି ବୀତସ୍ପୃହ ନୁହେଁ, ତା'ର ସଦ୍ୟତମ ପ୍ରମାଣ ମିଳିଲା ଗତ ମାସ ଭୁବନେଶ୍ୱରର ଜୟଦେବ ଭବନ ଓ ତତ୍‌ସଂଲଗ୍ନ ଗୀତଗୋବିନ୍ଦ ସଦନରେ ''ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ'' ଦ୍ୱାରା ଆୟୋଜିତ ତିନିଦିନିଆ ଓଡ଼ିଆ ଚଳଚ୍ଚିତ୍ର ମହୋତ୍ସବ ସମୟରେ । ଏହି ତିନି ଦିନ ମଧ୍ୟରେ ବିଗତ ଦିନର କ୍ଲାସିକ ''ମଲ୍ଲାଜହ୍ନ'', ନୀରଦ ମହାପାତ୍ରଙ୍କ କାଳଜୟୀ ''ମାୟା ମିରିଗ'' ଓ ଜାତୀୟ ସ୍ତରରେ ପୁରସ୍କୃତ ସ୍ୱର୍ଗତ ସଂବିତ ମହାନ୍ତି ନିର୍ଦ୍ଦେଶିତ ''ହେଲୋ ଆର୍ସି'' ଓ ବିଶିଷ୍ଟ ଅଭିନେତ୍ରୀ ବିଜୟା (ଡଲି) ଜେନାଙ୍କ ନିର୍ଦ୍ଦେଶିତ ''ତାରା'' ଭଳି ଭବ୍ୟ ଓଡ଼ିଆ ସିନେମା ସମେତ ସମୁଦାୟ ୧୫ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହେଲା ଏବଂ ସୁଖର କଥା ଯେ ପ୍ରାୟ ସବୁ ସୋ' ''ହାଉସ୍‌ଫୁଲ'' ଗଲା । ଆହୁରି ଉତ୍ସାହଜନକ ବିଷୟଟି ହେଲା, ସିନେମା ଦେଖିବା ପାଇଁ ଓ ସମାନ୍ତରାଳ ଭାବେ ଚାଲିଥିବା କର୍ମଶାଳା ଓ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବା ପାଇଁ କେବଳ ଭୁବନେଶ୍ୱର ଓ କଟକରୁ ନୁହେଁ, ଓଡ଼ିଶାର ବିଭିନ୍ନ ଅଂଚଳରୁ ଅନେକ ଫିଲ୍ମପ୍ରେମୀ ଆସିଥିଲେ ।

Printed, Published, Edited and Owned by Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com [illegible] Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003

ଭୁତାପଡା ମଙ୍ଗଳା ମନ୍ଦିରରେ ବାସନ୍ତୀକ ନବରାତ୍ର ପୂଜନୋତ୍ସବ ସକାଶେ କଳସାଧିବାସ

ସମ୍ବଲପୁର,୨୦/୩(ନି/ପ୍ର): ସମ୍ବଲପୁର ସହର ଭୁତାପଡା ମା' ମଙ୍ଗଳାଙ୍କ ମନ୍ଦିରରେ ବାସନ୍ତୀକ ନବରାତ୍ର ପୂଜନୋତ୍ସବ ସକାଶେ ଗୁରୁବାର ଚୈତ୍ର ମାସ ଅମାବାସ୍ୟା ତିଥିରେ କଳଶାଧୀବାସ ଅନୁଷ୍ଠିତ ହୋଇଥିଲା ଓ ଏହି ଅବସରରେ ଆଜି ଅପରାହ୍ଣ ୪ ଟା ସମୟରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଓ ଏଥିରେ ସହରର ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ ଓ ସ୍ଥାନୀୟ ମହାନଦୀ ଘାଟରୁ ଜଳ ଆଣି ବିଧି ମୁତାବକ ମଙ୍ଗଳାଙ୍କ ପୀଠେ ପୂଜନୋତ୍ସବ ଅନୁଷ୍ଠିତ ହୋଇଥିଲା ଓ କଳାସାଧିବାସ ପରେ ସନ୍ଧ୍ୟାରେ ମା' ଙ୍କ ପ୍ରତିପଦା ବିହିତ ପୂଜା, ଚଣ୍ଡୀପାଠ, ହୋମ, ଆଳତୀ, ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା ଓ ଭୁତାପଡା ମଙ୍ଗଳା ମନ୍ଦିରର ପୂଜକ ମହେଶ୍ୱର ପଣ୍ଡା ଓ ପଣ୍ଡିତ ଆଦିତ୍ୟ ମିଶ୍ର ପୂଜା କାର୍ଯ୍ୟ କରିଥିଲେ ଓ ମଙ୍ଗଳା ମନ୍ଦିର କମିଟିର ରବୀନ୍ଦ୍ର ଜେନା, ରସାନନ୍ଦ ବେହେରା, ସୁଧାଂଶୁ ଶେଖର ମହାରଣା, ଅସିତ ବିଶ୍ୱାଳ, ବିରଚିଂ ବେହେରା, ନିହାର କୁମାର ମାହାନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ଓ ସମ୍ବଲପୁର ଧୂଚୁରାପଡ଼ା ନିବାସୀ ସରୋଜ ସାହୁ ଓ ସାଗରୀକା ସାହୁ ସପତ୍ନୀକ କର୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି ।

ବ୍ରଜରାଜନଗରର ବିଭିନ୍ନ ମନ୍ଦିରରେ ଚୈତ୍ର ନବରାତ୍ର ଆରମ୍ଭ

ବ୍ରଜରାଜନଗର,୨୦/୩(ନି/ପ୍ର) :ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗରରେ ଥିବା ବିଭିନ୍ନ ମନ୍ଦିରରେ ଚୈତ୍ର ନବରାତ୍ର ଆଜି ଆରମ୍ଭ ହୋଇଛି । ଏହି ଉପଲକ୍ଷେ ମା ବ୍ରଜେଶ୍ୱରୀ ମନ୍ଦିର କମିଟି ପକ୍ଷରୁ ଏକ କଳସ ଶୋଭାଯାତ୍ରା ଇବ ନଦୀରୁ ପୂଜାର୍ଚ୍ଚନା ପରେ ବାହାରିଥିଲା । ଏହି କଳସ ଶୋଭାଯାତ୍ରାରେ ପ୍ରାୟ ୫୦୦ ଜଣ ମହିଳା କଳସ ଧରି ମଧୁସୂଦନ ଛକରୁ ଶୋଭାଯାତ୍ରାରେ ବାହାରି ଥାନା ରୋଡ୍ ମୁଖ୍ୟ ମାର୍କେଟ ଦେଇ ମନ୍ଦିରକୁ ଆସିଥିଲା । ମନ୍ଦିରରେ ଚଳିତ ବର୍ଷ ୩୦୧ ଅଖଣ୍ଡ ଦୀପ ପୂଜାର୍ଚ୍ଚନା ପରେ ଜଳାଯାଇଥିବା ମନ୍ଦିର ପରିଚାଳନା କମିଟି ସଭାପତି ସୁଜିତ ମହାନ୍ତି ସୂଚନା ଦେଇଛନ୍ତି । ମାଙ୍କ ୧୬ ସ ଉପଚାର ପୂଜା ପରେ ଚଣ୍ଡୀପାଠ ହୋଇଥିଲା।। ସେହିପରି ରାମଚଣ୍ଡୀ ସେବା ସମିତି ପକ୍ଷରୁ ମା ରାମଚଣ୍ଡୀ ପୀଠର ପାହାଡ୍ ଉପରେ ଆଜି ନବରାତ୍ର ପୂଜା ଆରମ୍ଭ ହୋଇଛି । ଚିତ୍ରକୁଟରୁ ଆସିଥିବା ପଣ୍ଡିତ ଉପେନ୍ଦ୍ର ଶାସ୍ତ୍ରୀ, ଅରୁଣେଶ ପାଣ୍ଡେ, ସୁଧାକର ପୟାସି, ପବନ ଗର୍ଗ ଓ ସ୍ଥାନୀୟ ପଣ୍ଡିତ ତେଜ ପ୍ରତାପ ପାଣ୍ଡେ ଯଜ୍ଞ ଓ ପୂଜା କରୁଛନ୍ତି । ଆଜିଠାରୁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଆରମ୍ଭ ହୋଇଛି ।

ସୋସାଇଟି ପଞ୍ଜିକରଣ ନିମନ୍ତେ ସାର୍ବଜନୀନ ସଚେତନତା

ସମ୍ବଲପୁର,୨୦/୩(ନି/ପ୍ର): ଜିଲ୍ଲାର ସମସ୍ତ ସର୍ବସାଧାରଣଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି ଯେ' ସୋସାଇଟି ପଞ୍ଜିକରଣ (ଓଡିଶା ସଂଶୋଧନ) ଆଇନ, ୨୦୨୧ର ଧାରା ୩ (୨) ଅନୁଯାୟୀ ୨୧ ମେ, ୨୦୨୧ ପରେ ପଞ୍ଜିକୃତ ସୋସାଇଟି ଗୁଡିକ ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ ତାରିଖରୁ ୫ ବର୍ଷ ପାଇଁ ବଳବତର ରହିବ । ଏଥିସହ ସୋସାଇଟି ପଞ୍ଜିକରଣ ଆଇନ, ୧୮୬୦ ଏବଂ ସୋସାଇଟି ପଞ୍ଜିକରଣ (ଓଡିଶା ସଂଶୋଧନ) ଆଇନ, ୨୦୨୧ ଅଧୀନରେ ୨୧ ମେ, ୨୦୨୧ କିମ୍ବା ପୂର୍ବରୁ ପଞ୍ଜିକୃତ ସୋସାଇଟିଗୁଡ଼ିକ ୫ ବର୍ଷ ପାଇଁ (ଅର୍ଥାତ୍ ୨୦ ମେ, ୨୦୨୬ ପର୍ଯ୍ୟନ୍ତ) ବଳବତର ରହିବ । ତେଣୁ, ପଞ୍ଜିକୃତ ସୋସାଇଟିର ପଦାଧିକାରୀ/ ଅଧିକୃତ ଅଧିକାରୀମାନେ ସେମାନଙ୍କ ପଞ୍ଜୀକୃତ ସମ୍ପୃକ୍ତ ସୋସାଇଟି ର ବୈଧତା ନବୀକରଣ ପାଇଁ ନିମ୍ନଲିଖିତ ପ୍ରକ୍ରିୟା ଅନୁସରଣ କରି ଆବଶ୍ୟକୀୟ ପଦକ୍ଷେପ ନେଇପାରିବେ । ୧. ବୈଧତା ଅବଧି ସମାପ୍ତ ହେବା ପୂର୍ବରୁ ନବୀକରଣ ଧାରା ୩-ବି ର ଉପ-ଧାରା (୧) ଅନୁଯାୟୀ ୫ ବର୍ଷ ବୈଧ ଅବଧି ସମାପ୍ତ ହେବା ର ଏକ ମାସ ପୂର୍ବରୁ ପଞ୍ଜିକରଣ ପ୍ରମାଣପତ୍ର ନବୀକରଣ ପାଇଁ ପ୍ରତ୍ୟେକ ଆବେଦନ ପାଇଁ, ନିର୍ଦ୍ଧାରିତ ଫି ହେବଳ ୫୦୦/- (ପାଂଚଶହଟଙ୍କା) ୨. ବୈଧତା ଅବଧି ସମାପ୍ତ ହେବା ପରେ ନବୀକରଣ ଧାରା ୩-ବି ର ଉପ-ଧାରା (୨) ଅନୁଯାୟୀ ପାଂଚ ବର୍ଷ ବୈଧ ଅବଧି ସମାପ୍ତ ହେବାର ୬ ମାସ ପର୍ଯ୍ୟନ୍ତ ପଞ୍ଜିକରଣ ପ୍ରମାଣପତ୍ର ନବୀକରଣ ପାଇଁ ପ୍ରତ୍ୟେକ ଆବେଦନ ପାଇଁ, ଅନ୍ତିମ ଅବଧି ସମାପ୍ତ ହେବାର ଗୋଟିଏ ମାସ ମଧ୍ୟରେ – ୧,୦୦୦ ଟଙ୍କା, ଅନ୍ତିମ ଅବଧି ସମାପ୍ତ ହେବାର ଦୁଇ ମାସ ମଧ୍ୟରେ – ୧୫୦୦ ଟଙ୍କା, ଅନ୍ତିମ ଅବରଧି ସମାପ୍ତ ହେବାର ତିନି ମାସ ମଧ୍ୟରେ – ୨୦୦୦ଟଙ୍କା, ଅନ୍ତିମ ଅବଧି ସମାପ୍ତ ହେବାର ଚାରି ମାସ ମଧ୍ୟରେ – ୨୫୦୦ ଟଙ୍କା, ଅନ୍ତିମ ଅବଧ ସମାପ୍ତ ହେବାର ପାଂଚମାସ ମଧ୍ୟରେ – ୩୦୦୦ ଟଙ୍କା, ଅନ୍ତିମ ଅବଧି ସମାପ୍ତ ହେବାର ଛଅ ମାସ ମଧ୍ୟରେ – ୩୫୦୦ ଟଙ୍କା ଫି' ପ୍ରଯୁଜ୍ୟ ହେବ, ।ନବୀକରଣ ପାଇଁ ଆବଶ୍ୟକୀୟ ଡକ୍ୟୁମେଟଂ- ଆବେଦନ ସହିତ ପଞ୍ଜିକରଣ ପ୍ରମାଣପତ୍ରର ସର୍ବଶେଷ ପ୍ରମାଣିତ କପି (ସି.ସି.), ସଂଘର ସ୍ମାରକପତ୍ରର ସର୍ବଶେଷ ପ୍ରମାଣିତ କପି (ସି.ସି.), ଉପ-ଆଇନର ସର୍ବଶେଷ ପ୍ରମାଣିତ କପି (ସି.ସି), ଗତ ପାଂଚ ବର୍ଷର ଅଡିଟ୍ ରିପୋର୍ଟ, ଗତ ପାଂଚ ବର୍ଷର କାର୍ଯ୍ୟକଳାପ ରିପୋର୍ଟ, ସମାପ୍ତିର ନବୀକରଣ ସମ୍ପର୍କରେ ସାଧାରଣ ପରିଷଦର ନିଷ୍ପତି ଡକ୍ୟୁମେ[ଗୁଡ଼ିକ ଦାଖଲ କରିବାକୁ ପଡିବ ବୋଲି ଆଜି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସଂଯୁକ୍ତା କୁଲୁ ଗଣମାଧ୍ୟମକୁ ଜଣାଇଛନ୍ତି ।

ଜୟନ୍ତପୁର ଛକ ନିକଟରେ କେମିକାଲ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ, କାରଣ ଅସ୍ପଷ୍ଟ

ଯୁଯୁମୁରା,୨୦/୩(ନି/ପ୍ର): ସମ୍ବଲପୁର ଜିଲ୍ଲାର ଜୟନ୍ତପୁର ଛକ ନିକଟରେ ଥିବା ଏକ କେମିକାଲ ଫ୍ୟାକ୍ଟ୍ରିରେ ଆଜି ସକାଳ ୮ ଟାରେ ଅଚାନକ ଅଗ୍ନିକାଣ୍ଡ ଘଟିଛି । ଫ୍ୟାକ୍ଟ୍ରି ଭିତରୁ ଧୂଆଁ ଓ ନିଆଁ ଦେଖାଯାଇଥିବାରୁ ସ୍ଥାନୀୟ ଅଂଚଳରେ ଭୟର ପରିସ୍ଥିତି ସୃଷ୍ଟି ହୋଇଥିଲା । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଚିଂ ନିଆଁ ଲିଭାଇବା ଆରମ୍ଭ କରିଥିଲେ । କିଛି ସମୟର ଚେଷ୍ଟା ପରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିବା ଜଣାପଡ଼ିଛି । ନିଆଁ କିପରି ଲାଗିଲା, ସେନେଇ କୌଣସି ସ୍ପଷ୍ଟ କାରଣ ସାମ୍ନାକୁ ଆସିନାହିଁ । ତେବେ ଘଟଣା ସମୟରେ ଫ୍ୟାକ୍ଟ୍ରିରେ କାମ କରୁଥିବା ସମସ୍ତ କର୍ମଚାରୀ ସୁରକ୍ଷିତ ଥିବାରୁ କୌଣସି ଜୀବନହାନି ହୋଇନାହିଁ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଫ୍ୟାକ୍ଟ୍ରିରେ ପୂର୍ବରୁ ମଧ୍ୟ ତିନିଥର ଏପରି ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି । ଏହାକୁ ନେଇ ସ୍ଥାନୀୟ ଲୋକମାନେ ଫ୍ୟାକ୍ଟ୍ରିର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି ଏବଂ ଆଗାମୀ ଦିନରେ ଏପରି ଘଟଣା ପୁନରାବୃତ୍ତି ରୋକିବା ପାଇଁ କଡ଼ା ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର/ଭୁବନେଶ୍ୱର,୨୦/୩(ନି/ପ୍ର): ପ୍ରକୃତିର ନୂତନ ରୂପ ସହ ଆରମ୍ଭ ହେଉଥିବା ରାଷ୍ଟ୍ରୀୟ ନବବର୍ଷ ଆମକୁ ଗୌରବଶାଳୀ ଇତିହାସର ସ୍ମୃତି କରାଇଥାଏ । ଯେତେବେଳେ ସମାଜ ନିଜର ସଂସ୍କୃତିକୁ ସମ୍ମାନ ଦିଏ, ସେତେବେଳେ ରାଷ୍ଟ୍ର ପରମ ବୈଭବକୁ ପ୍ରାପ୍ତ ହୁଏ । ତେଣୁ ସବୁବେଳେ ନିଜର ସଭ୍ୟତା, ସଂସ୍କୃତି ଓ ଭାଷାକୁ ସମ୍ମାନ ଦେବା ପାଇଁ ଯୁବ ସମାଜକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । 'ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି, ସମ୍ବଲପୁର' ପକ୍ଷରୁ ସ୍ଥାନୀୟ ଗଙ୍ଗାଧର ମଣ୍ଡପ ଠାରେ ଆୟୋଜିତ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭିଡ଼ିଓ ବାର୍ତା ଜରିଆରେ ଶ୍ରୀ ପ୍ରଧାନ କହିଛନ୍ତି, ଆଜିର ଦିନଟି କେବଳ ଏକ ତାରିଖ ପରିବର୍ତନର ଦିନ ନୁହେଁ, ଏହା ହେଉଛି ଆମର ସଭ୍ୟତା, ସଂସ୍କୃତି ଏବଂ ମୂଲ୍ୟବୋଧର ପୁନର୍ଜାଗରଣର ଦିନ । ବସନ୍ତ ଋତୁର ଆରମ୍ଭରେ ଯେତେବେଳେ ପ୍ରକୃତି ନୂଆ ରୂପ ଧାରଣ କରେ, ସେତେବେଳେ ଆମର ଏହି ନୂତନ ବର୍ଷ ଆରମ୍ଭ ହୁଏ । ଏହି ପବିତ୍ର ଦିନ ଆମକୁ ମନେ ପକାଇଦିଏ - ଆମର ଇତିହାସ କେତେ ପ୍ରାଚୀନ ଓ ଗୌରବଶାଳୀ । ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି, ସମ୍ବଲପୁର' ପକ୍ଷରୁ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଆମର ଯୁବପିଢ଼ିକୁ ନିଜର ମୂଳ ଚେର ସହ ଯୋଡ଼ିବାର ଏକ ସର୍ବଶ୍ରେଷ୍ଠ ମାଧ୍ୟମ ବୋଲି ସେ ଅଭିହିତ କରିଛନ୍ତି । ବିକଶିତ ସମ୍ବଲପୁର, ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଦିଗରେ ଶ୍ରୀ ପ୍ରଧାନ ସମ୍ବଲପୁରର ମାଟିରୁ ଅନେକ ସଂକଳ୍ପ' ନେବାକୁ ସାଧାରଣ ଜନତାଙ୍କୁ ନିବେଦନ କରିଛନ୍ତି । ସେ ଗୁଡିକ ହେଉଛି, "ନିଜର ସଂସ୍କୃତି, ସଭ୍ୟତା ଓ ଭାଷାକୁ ସମ୍ମାନ ଦେବା", "ବ୍ୟାପକ ବୃକ୍ଷରୋପଣ ସହ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା", "ଜାତି, ଧର୍ମ ନିର୍ବିଶେଷରେ ଭାଇଚାରା ବଜାୟ ରଖିବା", "ପ୍ରତ୍ୟେକ ଶିଶୁଙ୍କ ପାଖରେ ପୁଷ୍ଟିକର ଆହାର ପହଂଚାଇବା ପାଇଁ ସାମୂହିକ ଦାୟିତ୍ୱ ନେବା" ଏବଂ "ଦେଶର ପ୍ରଗତି ପାଇଁ ନିଜ ନିଜ କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିବା" । ମା' ସମଲେଇଙ୍କ ନିକଟରେ ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ସମ୍ବଲପୁରରୁ ଆରମ୍ଭ ହୋଇଥିବା ଏହି ସଂକଳ୍ପ ସମଗ୍ର ଓଡ଼ିଶା ଓ ଭାରତବର୍ଷରେ ଏକ ନୂତନ ଚେତନା ସୃଷ୍ଟି କରିବ ।

ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ସନୟ କୁମାର ନାୟକଙ୍କୁ ପ୍ରେସ୍ କ୍ଲବ ପକ୍ଷରୁ ସାକ୍ଷାତ

ଐତିହାସିକ ଗୋହିରାଟିକିରିରେ ପ୍ରଶାସନିକ ନିଷ୍ପତିକୁ ଜନ ବିରୋଧ

ପର୍ଯ୍ୟଟକ ସୁବିଧା କେନ୍ଦ୍ରକୁ ପାଠାଗାର କରିବାକୁ ନେଇ ଅସନ୍ତୋଷ

ଭଦ୍ରକ, ୨୦/୩(ନି/ପ୍ର) : ଓଡ଼ିଶାର ଐତିହାସିକ ଯୁଦ୍ଧ କ୍ଷେତ୍ର ଧାମନଗର ବ୍ଲକ ମୁସ୍ତଫାପୁର ର ଗୋହିରାଟିକିରି ପୀଠରେ ପ୍ରଶାସନିକ ନିଷ୍ପତିକୁ ନେଇ ଜନଅସନ୍ତୋଷ ଦେଖାଦେଇଛି । ୨୦୧୯ ମସିହାରେ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପର୍ଯ୍ୟଟକ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଥିଲା । ସେହି ଘର କୁ ପାଠାଗାରରେ ରୂପାନ୍ତରିତ କରିବା ପାଇଁ ପ୍ରଶାସନ ପକ୍ଷରୁ କରାଯାଉଥିବା ପ୍ରୟାସ କୁ ସ୍ଥାନୀୟ ବାସିନ୍ଦା ତୀବ୍ର ବିରୋଧ କରିଛନ୍ତି । ୨୦୧୬ ନଭେମ୍ବରରେ ଗୋହିରାଟିକିରି କୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିବା ପରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ତତ୍କାଳୀନ ସରକାର ୨୦୧୯ରେ ଏକ ସୁବିଧା କେନ୍ଦ୍ର ନିର୍ମାଣ ପାଇଁ ଶୁଭ ଦିଆଯାଇଥିଲା । ୨୦୨୨ରେ ଏହାର ନିର୍ମାଣ ଶେଷ ହେବା ପରେ ଏହା କଲ୍ୟାଣ ମଣ୍ଡପ ଭାବେ ବ୍ୟବହୃତ ହେଉଥିଲା । ବିଶେଷ କରି ବନ୍ୟା ପ୍ରଭାବିତ ଓ ଅନୁନ୍ନତ ଏହି ଅଂଚଳରେ ସ୍ଥାନୀୟ ଲୋକେ ବିବାହ, ବ୍ରତ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ପାଇଁ ଏହି ଗୃହ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି । ରାଜ୍ୟରେ ନୂତନ ସରକାର ଆସିବା ପରେ ଗୋହିରାଟିକିରିର ବିକାଶ ପାଇଁ ପ୍ରାୟ ୨୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ଏହି ଯୋଜନାରେ ଏକ ଅତ୍ୟାଧୁନିକ ପାଠାଗାର ନିର୍ମାଣ ମଧ୍ୟ ସାମିଲ ଅଛି, ଯାହାର ଭିତିପ୍ରସ୍ତର ଗତ ୨୦୨୫ ଜୁନ ୨ ତାରିଖ ରେ ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଦ୍ୱାରା ଆଭାସି ମାଧ୍ୟମରେ କରାଯାଇଥିଲା । ତେବେ ଗୁରୁବାର ଦିନ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ , କାର୍ଯ୍ୟ ନିର୍ବାହୀ ସଂସ୍ଥା ଓ ଠିକାଦାରଙ୍କ ସହ ସେଠାରେ ପହଂଚି ପୁରୁଣା ସୁବିଧା କେନ୍ଦ୍ରକୁ ହିଁ ପାଠାଗାର କରିବାକୁ ଯୋଜନା କରିଥିଲେ । ଏହି ଖବର ପ୍ରସାରିତ ହେବା ପରେ ଗ୍ରାମବାସୀ ଶରତ ରାଉତ, ପଦ୍ମନାଭ ରାଉତ, ମଣିଭଦ୍ର ବିଶ୍ୱାଳ, ସଞ୍ଜୟ ପ୍ରଧାନ,ପିତାମ୍ବର ବିଶ୍ୱାଳ ପ୍ରମୁଖ ଏହାକୁ ବିରୋଧ କରିଥିଲେ ।ନୂଆପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ଅର୍ଥ ମଞ୍ଜୁର ହୋଇଥିବା ବେଳେ ପୁରୁଣା ପ୍ରକଳ୍ପକୁ କାହିଁକି ରୂପାନ୍ତରିତ କରାଯାଉଛି ବୋଲି ଅଭିଯୋଗ କରିଥିଲେ, ଗୋହିରାଟିକିରି ପୀଠରେ ଯଥେଷ୍ଟ ଜାଗା ଥିବା ସତ୍ୱେ ପୁରୁଣା କଲ୍ୟାଣ ମଣ୍ଡପକୁ କାହିଁକି ରୂପାନ୍ତରିତ କରିବାକୁ ଯୋଜନା ହେଉଛି ବୋଲି ପ୍ରଶ୍ନ ଉଠିଛି । ଏହି

ରାଜରାସ୍ତାରୁ ଟନଟନ୍ ପାଉଁଶ ସ୍ଥାନାନ୍ତର କଲେ କଲେଜ ଛାତ୍ର

ସମ୍ବଲପୁର, ୨୦/୩(ନି/ପ୍ର): ସମାଜରୁ ଏବେ ଧିରେଧିରେ ମାନବିକତା ଉଭେଇ ଗଲାଣି । ହେଲେ ଆଜିର ପାଠ ପଢା ସାରି କିଛି କଲେଜ ଛାତ୍ର ଯେଉଁ କାର୍ଯ୍ୟ କରିଛନ୍ତି ତାହା କାହାରି ନିର୍ଦ୍ଦେଶରେ ନୁହେଁ, ସ୍ୱତଃ ପ୍ରବୃତ ଭାବେ । କଳ କାରଖାନାକୁ ସରକାର ବିଭିନ୍ନ ପ୍ରୋତ୍ସାହନ ଦେଉଛନ୍ତି । ହେଲେ ଟିକିଏ ସୁଯୋଗ ମିଳିଲେ ଯେପରି 'ଅଙ୍ଗୁଳି ପ୍ରବେଶରୁ, ବାହା ପ୍ରବେଶ' ସେହିପରି ଆଖପାଖର କୌଣସି କାରାଖାନା ନିଜ ବର୍ଜ୍ୟବସ୍ତୁ ଟନ୍ ଟନ୍ ଆସ୍ (ପାଉଁଶ) କୁଲୁଥୁକାନି ମୁଖ୍ୟ ରାସ୍ତା କଡ଼ରେ ପକାଇ ଚମ୍ପଟ ମାରିଥିଲା । ଜିଲ୍ଲା ପ୍ରଶାସନ ଚାହିଁଛି, ସାଧାରଣ ଲୋକେ ଯା-ଆସ ମଧ୍ୟ କରୁଛନ୍ତି । ହେଲେ ଏହି ଆସ୍ ପବନରେ ଉଠି ବାୟୁ ପ୍ରଦ୍ୟୁଷଣ କରିବା ସହ ରାସ୍ତାସାରା ଖେଳାଇ ଏକ ବିପଦ ସଙ୍କୁଳ ଅବସ୍ଥା ସୃଷ୍ଟି କରୁଥିଲେ ମଧ୍ୟ ସମସ୍ତେ ପ୍ରାୟ ନାଚାର । ସ୍ଥାନୀୟ ଏନ୍ଏସିବି କଲେଜର କିଛି ଛାତ୍ର ଏଭଳି ଦୃଶ୍ୟକୁ ଦେଖି ପ୍ରଶାସନର କଛପ ଗତିର କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା ନକରି ତୁରନ୍ତ ସ୍ୱେଚ୍ଛାକୃତ ଭାବେ ହାତରେ ଫାଉଡା ଓ ବକେଟ୍ ଧରି ଧିରେ ଧିରେ ପାଉଁଶ ଗୁଣ୍ଡ ଗୁଡିକୁ ରାସ୍ତାରୁ ଉଠାଇ ନିକଟସ୍ଥ ଏକ ଖାଲୁଆ ଅଂଚଳରେ ପକାଇଥିବା ଦେଖିବାକୁ ମିଳିଥିଲା । କଲେଜ ଛାତ୍ରଙ୍କ ଏଭଳି ମାନବିକତା କାର୍ଯ୍ୟ ଦେଖି ଆଖପାଖ ଲୋକଙ୍କ ସମେତ ଦେଖାଣାହାରୀଙ୍କ ମହଲରେ ଏକ ଉଦାହରଣ ପାଲଟିଥିଲେ ।

କନ୍ଧମାଳରେ ଦାଦନ କଷଣ : ଖାଁ ଖାଁ କିଲାକିଆ, ସିପାଏଜୁ ଗାଁ



ଘୁ.ଉଦୟଗିରି,୨୦/୩(ନି/ପ୍ର): ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ଶିଳ୍ପ ନାହିଁ । ପର୍ଯ୍ୟଟନ ଶିଳ୍ପର ଆଶାନୁରୂପ ବିକାଶ ହୋଇପାରୁନି । ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ପାଇଁ କୁଟୀର ଶିଳ୍ପ ବି ନାହିଁ । ଫଳରେ ଯୁବପିଢ଼ି ବର୍ଷସାରା ରୋଜଗାର ପାଇଁ ସଂଘର୍ଷ କରୁଥିବା ବେଳେ ରାଜ୍ୟ ବାହାରକୁ ଗଲେ ପରିବାର ପ୍ରତିପୋଷଣ ହେଉଛି । ଘୁ.ଉଦୟଗିରି ବ୍ଲକ୍ କଟିଙ୍ଗିଆ ପଚାଂୟତ ଏହାର ଏକ ଉଦାହରଣ । ଏହି ପଚାଂୟତର ଟିଆଙ୍ଗିଆ, ସିପାଏଜୁ, କିଲାପଙ୍ଗା ଓ ମାଜୁମାହା ଭଳି ବିଭିନ୍ନ ଗ୍ରାମରୁ ଶତାଧିକ ଯୁବକଯୁବତୀ ଦାଦନ ଖଟିବାକୁ କେରଳ ଯାଇଥା'ନ୍ତି । ବିଶେଷକରି କିଲାକିଆ ଓ ସିପାଏଜୁ ଗ୍ରାମରୁ ୬୦ରୁ ୭୦ ପରିବାର ଦାଦନ ଖଟିବାକୁ କେରଳ ପଳାଉଥିବାରୁ ପ୍ରାୟ ସମସ୍ତଙ୍କ ଘରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ଦିନ ଥିଲା, ଉଭୟ କୃଷିବହୁଳ ଗ୍ରାମରେ ବିନ୍ସ ଓ ଫୁଲକୋବି ପ୍ରଚୁର ପରିମାଣରେ ଚାଷ ହୋଇ ଜିଲ୍ଲାର ବିଭିନ୍ନ ଅଂଚଳକୁ ପଠାଯାଉଥିଲା । କିନ୍ତୁ ପାଣି ଅଭାବରୁ ଚାଷ ବନ୍ଦ ହୋଇଯିବା ଫଳରେ ଚାଷୀମାନେ ଦାଦନ ଖଟିବାକୁ ପଳାଉଛନ୍ତି । ମନରେଗା ଯୋଜନାରେ ସମସ୍ତଙ୍କୁ କାମ ମିଳୁନି କି ଠିକ୍ ସମୟରେ ମଜୁରି ମିଳୁ ନ ଥିବା ଅଭିଯୋଗ ହୋଇଛି । ସେହିପରି ରାଇକିଆ, ଦାରିଙ୍ଗବାଡ଼ି, କ.ନୂଆଗାଁ, ଘୁ,ଉଦୟଗିରି, ଟିକାବାଲି ଓ ବାଲିଗୁଡ଼ା ବ୍ଲକ୍ କଥାକୁ ବିଚାରକୁ ନେଲେ, ସମସ୍ତ ବ୍ଲକ୍‌ରୁ ପ୍ରତି ସପ୍ତାହରେ ୧ହଜାରରୁ ୧୫ଶହ ଯୁବକଯୁବତୀ ବସ୍‌ରେ କେରଳ ଯାଉଛନ୍ତି । ରାଇକିଆରୁ ଅଧିକାଂଶ ବସ୍ ବାହାରୁଥିବା ବେଳେ ବର୍ତମାନ ଆଖପାଖ ୬୦ କିଲୋମିଟର ପରିଧି ଭିତରେ 'ରାଇକିଆରୁ କେରଳ ପ୍ରତି ଶୁକ୍ରବାର ବସ୍ ଯାଉଛି' ଲେଖା ହୋଇଥିବା ଦାଦନ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି । ବର୍ଷକ ତଳେ ରାଇକିଆରୁ ପ୍ରତି ଶୁକ୍ରବାରରେ ଦୁଇଟି ବସ୍ ଯାଉଥିଲା । ବର୍ତମାନ ନିୟମିତ ୨ରୁ ୩ଟି ବସ୍ କେରଳ ଯାଉଛି । ଆଉ ଏସବୁ ପୋଷ୍ଟର ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧିଙ୍କ କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଅନ୍ୟପକ୍ଷରେ ଦାଦନ ଯାଇ କିଏ ନିର୍ଯାତନାର ଶିକାର ହେଉଛି ତ ଆଉ କାହାର ଅକାଳ ବିୟୋଗ ଘଟୁଥିବାର ଅନେକ ନଜିର ରହିଛି । ତେବେ ଜିଲ୍ଲାରୁ କେତେ ସଂଖ୍ୟାରେ ଦାଦନ ରାଜ୍ୟ ବାହାରକୁ ଓ ବିଦେଶକୁ ଯାଉଛନ୍ତି, ଏହି ତଥ୍ୟ ପ୍ରଶାସନ କି ରାଜ୍ୟ ସରକାରଙ୍କ ପାଖରେ ନାହିଁ । କନ୍ଧମାଳର ଯୁବପିଢ଼ିଙ୍କୁ ରୋଜଗାର ଦେବା ପାଇଁ ସରକାର ସ୍ୱତନ୍ତ୍ର ରୂପରେଖ ପ୍ରସ୍ତୁତ କରିବା ଦରକାର ବୋଲି ମତପ୍ରକାଶ ପାଇଛି ।

ସାଂସଦ ଭାବରେ ନିର୍ବାଚିତ ହେବା ପରେ ରାଉରକେଲାରେ ଦିଲ୍ଲୀପ ରାୟଙ୍କ ଶୋଭାଯାତ୍ରା

ରାଉରକେଲା,୨୦/୩(ନି/ପ୍ର): ରାଜ୍ୟସଭା ସଦସ୍ୟ ତଥା ସାଂସଦ ଭାବରେ ନିର୍ବାଚିତ ହେବା ପରେ, ରାଉରକେଲା ସହରରେ ଦିଲ୍ଲୀପ ରାୟଙ୍କୁ ସ୍ୱାଗତ କରିବା ପାଇଁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହରର ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ସାଂସଦ ଶ୍ରୀ ରାୟଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା। ରାଉରକେଲାର ଗର୍ବ ଏବଂ ଗୌରବ ନବନିର୍ବାଚିତ ରାଜ୍ୟସଭା ସଦସ୍ୟ ଦିଲ୍ଲୀପ ରାୟ ଆଜି ସକାଳ ୧୦ଟାରେ ଝାରସୁଗୁଡାରୁ ଆସି ପାନପୋଷ ଗାନ୍ଧୀ ଛକରେ ପହଚିଂବା ପରେ ତାଙ୍କ ସମର୍ଥକମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିବା ସହିତ ଦିଲୀପ ରାୟ ଜିନ୍ଦାବାଦର ସ୍ଲୋଗାନ ଦେଇଥିଲେ। ତାଙ୍କ ସହିତ ବହୁ ସଂଖ୍ୟକ ସମର୍ଥକ ବେଦବ୍ୟାସ ଛକରୁ ଏକ ବାଇକ୍ ରାଲି ମାଧ୍ୟମରେ ପାନପୋଷ ଗାନ୍ଧୀ ଛକରେ ପହଚିଂ ଥିଲେ। ଦିଲୀପ ରାୟ ପ୍ରଥମେ ଗାନ୍ଧୀ ଛକ ନିକଟସ୍ଥ କାଳୀ ମନ୍ଦିରରେ ପୂଜା ଅର୍ଚ୍ଚନା ଓ ପ୍ରାର୍ଥନା କରିଥିଲେ। ତାଙ୍କ ସହିତ ସୁନ୍ଦରଗଡ ସାଂସଦ ତଥା କେନ୍ଦ୍ର ଆଦିବାସୀ ବିକାଶ ମନ୍ତ୍ରୀ ଜୁଏଲ ଓରାମ୍, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ଶ୍ରୀ ରାୟଙ୍କ ପତ୍ନୀ ପୂଜା ରାୟ, ବିଜେପି ପାନପୋଷ ସଂଗଠନ ସଭାପତି ପୂର୍ଣ୍ଣିମା କେରକେଟା, ଶୁଭ ପଟ୍ଟନାୟକ, ବିଜେପି ରାଜ୍ୟ ମୁଖପାତ୍ର ଧୀରେନ୍ଦ୍ର ସେନାପତି, ହରି ରାଉତରାୟଙ୍କ ସମେତ ବରିଷ୍ଠ ବିଜେପି ନେତା, କର୍ମୀ ଏବଂ ଦିଲୀପ ରାୟଙ୍କ ସମର୍ଥକମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଏହା ପରେ ଶ୍ରୀ ରାୟ ପାନପୋଷ ଛକରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ନବନିର୍ବାଚିତ ରାଜ୍ୟସଭା ସଦସ୍ୟ ଦିଲୀପ ରାୟ, ସାଂସଦ ଜୁଆଲ ଓରାମ୍, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଏବଂ ଶ୍ରୀ ରାୟଙ୍କ ପତ୍ନୀ ଶ୍ରୀମତୀ ପୂଜା ରାୟ ଏକ ଖୋଲା ଜିପରେ ବସି ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଶୋଭାଯାତ୍ରା ଢୋଲ ଏବଂ ତୂରୀ ବାଦ୍ୟ ସହିତ ଆରମ୍ଭ ହୋଇଥିଲା। ଏଥିସହିତ ରାଲି ବା ଶୋଭାଯାତ୍ରା ପାନପୋଷ ଛକରୁ ଆଇଟିଆଇ ଛକ, ଏସଟିଆଇ ଛକ, ଉଦିତନଗର ଆମ୍ବେଦକର ଛକରେ ପହଚିଂବା ପରେ, ସେଠାରେ ଅତିଥିମାନଙ୍କ ଦ୍ୱାରା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହା ପରେ ଆମ୍ବେଦକର ଛକରୁ ମୁଖ୍ୟ ରାସ୍ତା ଦେଇ, ବିର୍ସା ଡାହର ଛକ, ପାୱାର ହାଉସ ଛକ, ଡେଲି ମାର୍କେଟ ଦୁର୍ଗା ମଣ୍ଡପ, ପ୍ଲାଂଟସାଇଟ୍ ଛକ, ପୁରୁଣା ଷ୍ଟେସନ ରୋଡ ବା ନାଲା ରୋଡ୍ ଛକ, ଟ୍ୟାକ୍ସି ଷ୍ଟାଣ୍ଡ, ମଧୁସୂଦନ ଛକ ଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଏବଂ ବିର୍ସା ଛକରେ ବୀର ବିସ୍ରା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ରାଲି ତଥା ଶୋଭାଯାତ୍ରା ଶେଷ ହୋଇଥିଲା। ଏହି ରାଲିରେ ଦିଲ୍ଲୀପ ରାୟଙ୍କ ହଜାର ହଜାର ସମର୍ଥକ ଅଂଶଗ୍ରହଣ କରିଥିଲେ। ଏହି ସମୟରେ, ନୂତନ ନିର୍ବାଚିତ ରାଜ୍ୟ ସଭା ସଦସ୍ୟଙ୍କୁ ରାଉରକେଲା ସହରର ବିଭିନ୍ନ ସାମାଜିକ ସଂଗଠନ, ଧାର୍ମିକ ସଂଗଠନ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶ୍ରୀ ରାୟଙ୍କୁ ଉନରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଶୋଭାଯାତ୍ରା ସମୟରେ ରାସ୍ତାରେ ସର୍ବତ୍, ଫଳ ଏବଂ ମିଠା ଶ୍ରୀ ରାୟଙ୍କ ସମର୍ଥକମାନଙ୍କ ଦ୍ୱାରା ବଟଂନ କରାଯାଇଥିଲା । ଦିଲ୍ଲୀପ ରାୟ ଜିନ୍ଦବାଦ ସ୍ଲୋଗାନରେ ସମଗ୍ର ରାଉରକେଲା ସହର ପ୍ରତିଧ୍ୱନିତ ହୋଇଥିଲା। ଏହି ରାଲିରେ ରଣଜିତ ନାୟକ, କେଦାର ମହାନ୍ତି, ଇରଶାଦ ଖାନ, ଅନୱାର ଭାଇ, ଅବିନାଶ ପ୍ରଧାନ, ପ୍ରକାଶ ମହାନ୍ତି, ଅମିତାଭ ସାମଲ, ଦୌଲତ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ସଂଗ୍ରାମ ମହାନ୍ତି, ବିରେନ ପତି, ଜସବିନ୍ଦର ସିଂ, ବିଶ୍ୱନାଥ ବେହୁରିଆ, ଗୁଡ୍ଡୁ ସିଂହ, ନୀରଜ ଚତୁର୍ବେଦି, କେ କେ ପ୍ରଜାପତି କାଳିଚରଣ ସାହୁ, ଦୁଜ ସେଟ୍ଟୀ, ଅଜିତ୍ ଏକ୍କାଙ୍କ ସମେତ ବହୁ ବିଜେପି ସମର୍ଥକ ଶ୍ରୀ ରାୟଙ୍କ ସମର୍ଥନରେ ଏହି ଶୋଭାଯାତ୍ରାରେ ଯୋଗଦେଇଥିଲେ।

ଓଡିଆ ପରମ୍ପରାର ପ୍ରତୀକ ପଖାଳ:

ରାଉରକେଲାର ବିଭିନ୍ନ ଅନୁଷ୍ଠାନ ତରଫରୁ ପଖାଳ ଦିବସ ପାଳିତ

ରାଉରକେଲା,୨୦/୩(ନି/ପ୍ର): ଓଡ଼ିଆ ପରମ୍ପରାର ପ୍ରତୀକ ଭାବରେ ପଖାଳକୁ ମନେପକାଇ ମାର୍ଚ୍ଚ ୨୦ ତାରିଖକୁ ସମଗ୍ର ଓଡିଶାରେ ପଖାଳ ଦିବସ ଭାବରେ ପାଳନ କରାଯାଉଛି। ପଖାଳ ଦିବସ ଉପଲକ୍ଷେ ଆଜି ସମଗ୍ର ଓଡ଼ିଶାର ବିଭିନ୍ନ ସ୍ଥାନରେ ଉତ୍ସାହ ଓ ଆନନ୍ଦର ସହିତ ପଖାଳ ଦିବସ ପାଳନ କରାଯାଇଛି। ଗ୍ରୀଷ୍ମ ଋତୁରେ ଶରୀରକୁ ଶୀତଳ ରଖିବା ପାଇଁ ପଖାଳର ଆବଶ୍ୟକତା ରହିଥିଲା ବେଳେ, ଏହାର ଗୁରୁତ୍ୱକୁ ନେଇ ସିଭିଲ ଟାଉନସିପ ସ୍ଥିତ ମା ଇନ୍ଦିରା ମହିଳା ସମିତି ପକ୍ଷରୁ ମହାଆଡମ୍ବର ସହକାରେ ପଖାଳ ଦିବସ ପାଳନ କରାଯାଇଛି। ଏହି ଅବସରରେ ଅଦା କଟାଂଲଙ୍କା ଛେଚା, ଲେମ୍ବୁ ଇତ୍ୟାଦି ଦିଆଯାଇ ପଖାଳ ସହିତ ସାଗ, ବଡ଼ି ଚୁରା, ଆଳୁ, ଭେଣ୍ଡି, ଫୁଲକୋବି, ଭଜା, ଆଳୁ ଭର୍ତ୍ତା, ସାଲାଟ୍, ସଜନା ଛୁଇଁ ଭଜା, ପୋଦିନା ଓ ଧଣିଆ ଚଟଣି, ବାଇଗଣ ପୋଡା ସହ ଆଳୁ ଭର୍ତ୍ତା ଓ ମାଛଭଜା ପରି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ପରିବେଷଣ କରାଯାଇଥିଲା। ସୋସିଆଲ ମିଡିଆରେ ପଖାଳ ଦିବସ ଅବସରରେ ଲୋକମାନେ ପଖାଳ ଖାଇବାର ଫଟୋ ଓ ଭିଡିଓ ଶେୟାର କରୁଥିଲାବେଳେ, ବାସ୍ତବିକ କ୍ଷେତ୍ରରେ ମା ଇନ୍ଦିରା ମହିଳା ସମିତି ପକ୍ଷରୁ ଏହାକୁ ପାଳନ କରାଯାଇଛି। ପଖାଳ ଏକ ପୁଷ୍ଟିକର ଓ ସ୍ୱାସ୍ଥ୍ୟକର ଖାଦ୍ୟ, ଯାହା ଶରୀରକୁ ଥଣ୍ଡା ରଖିବା ସହିତ ପାଚନକୁ ସହଜ କରିଥାଏ। ସାମାଜିକ ସଂଗଠନମାନେ ଓଡ଼ିଆ ଖାଦ୍ୟ ସଂସ୍କୃତିକୁ ଆଗକୁ ନେବା ପାଇଁ ଏହି ପଖାଳ ଦିବସ ପାଳନର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ମା ଇନ୍ଦିରା ମହିଳା ସମିତି ପକ୍ଷରୁ ଆଜିର ପଖାଳ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇଥିଲା ବେଳେ, ସମ୍ମାନୀୟ ଅତିଥି ଭାବେ ଛବି ମହାନ୍ତି, ପିଙ୍କୁ ଜୈସ୍ୱାଲ, ବିନୋଦ ରାଉତ, ବୈଲୋଚନ ସାହୁ, ବାଇନଙ୍କ ଯୋଗଦେଇ ପଖାଳର ଆନନ୍ଦ ନେଇଥିଲେ। ଏହି ପଖାଳ ଦିବସ ପାଳନ ଅବସରରେ ମା' ଇନ୍ଦିରା ମହିଳା ସମିତିର ସଭାପତି ପୁଷ୍ପା ଲେଙ୍କା, ଡିମ୍ପଲ ସାହୁ, ଲୀଳାବତୀ ସାହୁ, ସଞ୍ଜୁଲତା ଦାସ, ଝୁଲଣା ନାୟକ, ରୀତା ଗୌଡ, ଜ୍ୟୋତ୍ସ୍ନା ସ୍ୱାଇଁ, ପୁନମ ସମାସୀ, କୌଶଲ୍ୟା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରି ପଖାଳ ପରଶିବା ସହିତ ପଖାଳ ଦିବସକୁ ପାଳନ କରିଥିଲେ।

ପ୍ରତିବିମ୍ବ ନାଟ୍ୟ ସଂଗମ ୨୦୨୬ର ଚତୁର୍ଥ ସନ୍ଧ୍ୟା ମଂଚସ୍ଥ ହେଲା ଏକକ ନାଟକ ବନ୍ଦୀ

ରାଉରକେଲା,୨୦/୩(ନି/ପ୍ର): ପ୍ରତିବିମ୍ବ ନାଟ୍ୟ ସଂଗମ ୨୦୨୬ ଚତୁର୍ଥ ସନ୍ଧ୍ୟାରେ ପୁରୀ ପିପିଲିର ରଙ୍ଗଲୋକ ଥିଏଟର ଅନୁଷ୍ଠାନ ତରଫରୁ ତୁଷାରକାନ୍ତ ପଟ୍ଟନାୟକଙ୍କ ରଚିତ ଓ ଦୁର୍ଯୋଧନ ସାହୁଙ୍କ ନିର୍ଦ୍ଦେଶନାରେ ଏକକ ନାଟକ ବନ୍ଦୀ ମଂଚସ୍ଥ ହୋଇଯାଇଛି। ସିଭିକ ସେଂଟର୍ ଠାରେ ଆୟୋଜିତ ଏହି ନାଟ୍ୟ କାର୍ଯ୍ୟକ୍ରମରେ ଝିଲିମା ମହାନ୍ତିଙ୍କ ମଂଚ ସଂଯୋଜନାରେ ଅତିଥି ଭାବେ ଆରଏସପି ର ସିଜିଏମ ଏତୁଆ ଓରାମ, ନାଟ୍ୟ ସଂଗଠକ ଶରତ ଦାସ,ଏକତ୍ର ର ସମ୍ପାଦକ ବିଜୟ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ । ଅନୁଷ୍ଠାନର ସଭାପତି ସୋମନାଥ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ନିର୍ଦ୍ଦେଶକ ତଥା ଅଭିନେତା ଦୁର୍ଯୋଧନ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ବନ୍ଦୀ ନାଟକର ମୁଖ୍ୟ ବିଷୟବସ୍ତୁ ହେଲା ମାଆ ପେଟରୁ କେହି ଅପରାଧୀ ହେଇନଥାଏ ! ପ୍ରକୃତି, ପରିବେଶ ପରିସ୍ଥିତି ମଣିଷକୁ କେତେବେଳେ କାହାକୁ ଅପରାଧୀ ସଜେଇ ଦିଏ ।ସେମିତି ନାଟକର ନାୟକ ସୁରଜ ମହାନ୍ତି, କେଉଁ ପରିସ୍ଥିତିରେ ଅପରାଧି ସାଜି ଆଜି କାରାଗାରରେ ବନ୍ଦୀ । ହେଲେ କାହାପାଇଁ ନିଜେ ବଡ଼ ହେବାର ସ୍ୱପ୍ନ ପାଇଁ ନା ଜନ୍ମ କଲା ମାଆ ବାପାଙ୍କ ପାଇଁ ନା ସମାଜର ଭଦ୍ରମୁଖା ପିନ୍ଧା ଚାଚାଙ୍କ ପାଇଁ ନା ସରକାରୀ ନୀତି ନିୟମ ପାଇଁ କାହାପାଇଁ ? ଏମିତି ଅନେକ ଗୁଡ଼ିଏ ପ୍ରଶ୍ନ କୁ ନେଇ ଗତିଶୀଳ ହୋଇଛି ବନ୍ଦୀର କାହାଣୀ । ନାଟକକୁ ତୁଷାରକାନ୍ତ ପଟ୍ଟନାୟକ ରଚନା କରିଥିଲାବେଳେ ନିର୍ଦ୍ଦେଶନା ଓ ଅଭିନୟ କରିଛନ୍ତି ଦୁର୍ଯ୍ୟୋଧନ ସାହୁ । ମଂଚରେ ଶିବ ବେହେରା, ଆଲୋକ ରେ ବିକାଶ ପ୍ରଧାନ ସଙ୍ଗୀତ ରେ ରାଜକୁମାର , ଗୀତ ରେ ବୀଣାପାଣି ରାୟ ଓ କଣ୍ଠରେ ମାରୁତି ପୁହାଣ ପ୍ରମୁଖ ସହଯୋଗ କରିଥିଲେ।

ମାର୍ଚ୍ଚ ୨୨ ରୁ ୨୭ ଜାତୀୟ ନାଟକ ମହୋତ୍ସବ -୨୦୨୬

ରାଉରକେଲା,୨୦/୩(ନି/ପ୍ର): ନାଟ୍ୟାନୁଷ୍ଠାନ ସମ୍ପର୍କ ସେକ୍ଟର ୫ ସ୍ଥିତ କଲ୍ଚରାଲ୍ ଏକାଡେମୀ ଠାରେ ବିଶ୍ୱନାଟ୍ୟ ଦିବସ ପାଳନ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀ କରି ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଚଳିତ ବର୍ଷ ବିଶ୍ୱ ନାଟ୍ୟ ଦିବସ ୨୦୨୬ ର ଶୀର୍ଷକ ଶାନ୍ତିର ସଂସ୍କୃତି ଗଢିତୋଳିବାରେ ନାଟ୍ୟ କଳାର ଭୂମିକା ରହିଛି । ସଂପର୍କ ଦ୍ୱାରା ଆୟୋଜିତ ହେବାକୁ ଯାଉଥିବା 'ବିଶ୍ୱନାଟ୍ୟ ଦିବସ ଓ ଜାତୀୟ ନାଟକ ମହୋତ୍ସବ-୨୦୨୬' ଉପଲକ୍ଷେ ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରି ସଂପର୍କ ର ସଭାପତି ସୁବ୍ରତା ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଂପାଦକ ଭାସ୍କର ଚନ୍ଦ୍ର ମହାପାତ୍ର ଜାତୀୟ ନାଟକ ମହୋତ୍ସବର ସଂକ୍ଷିପ୍ତ ବିବରଣୀ ଦେବାକୁ ଯାଇ କହିଥିଲେ - ମାର୍ଚ୍ଚ ୨୨ତାରଖରୁ ୨୭ ମାର୍ଚ୍ଚ ପର୍ଯ୍ୟନ୍ତ ଏବର୍ଷ ଛ, ଦିନ ବ୍ୟାପି ବିଶ୍ୱନାଟ୍ୟ ଦିବସ ଅବସରରେ ଜାତୀୟ ନାଟକ ମହୋତ୍ସବ ସିଭିକ ସେଂଟର ଠାରେ ଅନୁଷ୍ଠିତ ହେବ । ୨୨ମାର୍ଚ୍ଚରେ ସଂପର୍କ ରାଉରକେଲାର ନାଟକ 'ଅସ୍ମିତା' ,୨୩ ମାର୍ଚ୍ଚରେ କୋଲକାତା ର ଥିଏଲାଇଟ୍ ତରଫରୁ ବଂଗଳା ନାଟକ 'ମାୟାପୁରୀ' , ୨୪ତାରିଖରେ ବେଲପାହାଡ଼ ମିରର ଥିଏଟର ତରଫରୁ ସମ୍ବଲପୁରୀ ନାଟକ 'ଓଲପି',୨୫ ତାରିଖରେ ରୂପାନ୍ତର ବାରିପଦାର ଓଡ଼ିଆ ନାଟକ ' ଅପଦାର୍ଥ ', ୨୬ତାରିଖ ରେ ଭୁବନେଶ୍ୱର ର ପ˚ଧ୍ୱନୀ ତରଫରୁ ଓଡିଆ ନାଟକ ' ନୂଆ ଦିଗନ୍ତ' , ୨୭ତାରିଖରେ ଜାମସେଦପୁରର ପାତ୍ର ତରଫରୁ ହିନ୍ଦୀ ନାଟକ 'ପଞ୍ଛି' ମଚଂସ୍ଥ ହେବ । ଏହି ନାଟକ ଗୁଡିକ ଜାତୀୟସ୍ତରରେ ଦର୍ଶକୀୟ ସ୍ୱୀକୃତି ଲଭ କରିସାରିଛି । ପ୍ରତ୍ୟେକ ନାଟକ ମଚଂସ୍ଥ ହେବାପରେ ଦର୍ଶକମାନେ ସଂପୃକ୍ତ'ନାଟକର କଳାକାରମାନଙ୍କୁ ମଚଂସ୍ଥ ନାଟକ ସମ୍ବନ୍ଧୀୟ ଉପଯୁକ୍ତ ପ୍ରଶ୍ନ ପଚାରି ପୁରସ୍କୃତ ହେବେ । ଏତଦ ବ୍ୟତୀତ ୨୪ତାରିଖ ସକାଳ ଆଠ ଘଟିକାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପିଲାମାନଙ୍କ ମଧ୍ୟରେ ଏକକ ଅଭିନୟ ପ୍ରତିଯୋଗିତା, ୨୭ତାରିଖ ସକାଳ ଆଠ ଘଟିକାରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗିତା ଓ ' ଶିକ୍ଷାନୁଷ୍ଠାନରେ ମଚଂ ନାଟକ ' ଆଧାରିତ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ । ୨୭ ମାର୍ଚ୍ଚ ସକାଳ ଆଠ ଘଟିକାରେ ବିଶ୍ୱନାଟ୍ୟ ଦିବସ ପାଳିତ ହେବ । ଏହି ଅବସରରେ ଏକ ରଙ୍ଗାରଙ୍ଗ 'ନାଟ୍ୟ ପଦ ଯାତ୍ରା ' ଏକତ୍ର, ରାଉରକେଲାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ । ପରେ ପରେ ଏକ ଜାତୀୟ ନାଟ୍ୟ ଆଲୋଚନା ଚକ୍ର ମଧ୍ୟ ଆୟୋଜିତ ହେବ। ୨୭ ତାରିଖ ଅପରାହ୍ନ ୩ଘଟିକାରେ 'ଉପାସନା ଓଡିଶୀ ନୃତ୍ୟୋତ୍ସବ ଆୟୋଜିତ ହେବ। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ 'ନାଟ୍ୟବନ୍ଧୁ'ସମ୍ମାନରେ ସମ୍ମାନିତ କରାଯିବ । ଏତଦ ବ୍ୟତୀତ ସର୍ବଶ୍ରୀ ପଚାଂନନ ଦାଶ,

ବିରମିତ୍ରପୁର ରେଞ୍ଜରେ ବନାଗ୍ନୀ ନିବାରଣ ନେଇ ପଥପ୍ରାନ୍ତ ନାଟକ

ରାଉରକେଲା,୨୦/୩(ନି/ପ୍ର): ରାଉରକେଲା ବନଖଣ୍ଡ ପକ୍ଷରୁ ଡ଼ିଏଫଓ ଯଶବନ୍ତ ସେଠିଙ୍କ ନିର୍ଦ୍ଦେଶକ୍ରମେ ବିରମିତ୍ରପୁର ଫରେଷ୍ଟ ରେଞ୍ଜର ନୂଆଗାଁ ବଜ଼ାର, ହାତିବାରୀ ହାଟ, ରାଏବଗା ହାଟ, ବିରମିତ୍ରପୁର ମେଳା ପ୍ରଭୃତି ସ୍ଥଳରେ ବନାଗ୍ନୀ ନିବାରଣ ନେଇ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଯାଇଛି । ୱାଇଏମଏଫଆଇ ର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ କଳାକାରବୃନ୍ଦ । ଜଙ୍ଗଲ ପୋଡି ଯୋଗୁଁ ବୃକ୍ଷରାଜି ନଷ୍ଟ ହେବା ସହ ବିଭିନ୍ନ ପ୍ରଜାତିର ବିଲୋପ ଘଟିଥାଏ ଓ ବାନ୍ୟଜନ୍ତୁ ପ୍ରଭାବିତ ହୋଇଥାନ୍ତି। ଏଣୁ ମହୁଲ ସଂଗ୍ରହ, ଜୀବଜନ୍ତୁ ଶିକାର କିମ୍ବା ବଣଭୋଜି ପାଇଁ ଜଙ୍ଗଲରେ ନିଆଁ ନଲଗାଇବାକୁ ନିବେଦନ କରାଯାଇଥିଲା । ସେହିପରି ଜଳନ୍ତା ସିଗାରେଟ କିମ୍ବା ଦିଆସିଲି କାଠି ଏଣେତେଣେ ନପକାଇବାକୁ ପରାମର୍ଶ ଦିଆଯାଇଥିଲା । ଜାଣିଶୁଣି ଜଙ୍ଗଲରେ ନିଆଁ ଲଗାଇଲେ ୭ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା ଦେବା ନିୟମ ସମ୍ପର୍କରେ ଅଚଂଳବାସୀଙ୍କୁ ସତର୍କ କରାଇ ଦିଆଯାଇଥିଲା । ହାଟ ସଉଦା ପାଇଁ ବିଭିନ୍ନ ଗ୍ରାମାଚଂଳରୁ ଆସିଥିବା ବାସିନ୍ଦାମାନେ କଳାକାରମାନଙ୍କ ଅଭିନୟର ପ୍ରଶଂସା କରିବା ସହ ଜଙ୍ଗଲ ସୁରକ୍ଷା ନେଇ ସମ୍ମତି ଜଣାଇଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ସ୍ଥଳରେ ନୂଆଗାଁ ସରପଚଂ ଏମ.ଏମ ମିଞ୍ଜ, ହାତିବାରୀ ଫରେଷ୍ଟର ସୁଶୀଲ କେରକେଟା, ରାଏବଗା ଫରେଷ୍ଟର ଲୋକନାଥ ମେହେର, ବିରମିତ୍ରପୁର ଫରେଷ୍ଟର କ୍ଷିତି ଭୂଷଣ ମହନ୍ତ, ଫରେଷ୍ଟ ଗାର୍ଡ ରତିକାନ୍ତ ଜେନା, ହସିନା ସେଠ୍, ସମାଜସେବୀ ଜୟ ଶଙ୍କର ଠାକୁର, ରିଙ୍କି ପାତ୍ର, ସସ୍ମିତା ରାଣୀ ବେରା, ଫରେଷ୍ଟ ସ୍ୱାର୍ୱାର୍ଡ ଆକାଶ ଶେଖର ଦେଓ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରାଇବା ସହ ଲିଫଲେଟ ବଟଂନ କରିଥିଲେ। କାର୍ଯ୍ୟକ୍ରମ ସ୍ଥଳରେ ବହୁ ଜନସମାଗମ ହୋଇଥିଲା ।

ସେଲ୍, ଆରଏସପି ପକ୍ଷରୁ ପର୍ଶ୍ୱାଚଂଳର ବୃତିଗତ ଅଧ୍ୟୟନରତ ଅବହେଳିତ ବର୍ଗର ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ

ରାଉରକେଲା,୨୦/୩(ନି/ପ୍ର):ସେଲ୍, ଆରଏସପି ଦ୍ୱାରା ଶିକ୍ଷା କ୍ଷେତ୍ରରେ ସିଏସଆର ପଦକ୍ଷେପର ଅଂଶ ସ୍ୱରୂପ, ମାର୍ଚ୍ଚ ୧୪ ତାରିଖ ଦିନ ପାର୍ଶ୍ୱାଚଂଳ ବିକାଶ ପ୍ରତିଷ୍ଠାନ ଠାରେ ଆୟୋଜିତ ଏକ ସମାରୋହରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ୫୧ ଜଣ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଉଲ୍ଲେଖନୀୟ ଯେ, ଏହି ସମସ୍ତ ହିତାଧିକାରୀ ସୁନ୍ଦରଗଡ଼ ଜିଲ୍ଲା, ଆଦର୍ଶ ଇସ୍ପାତ ଗ୍ରାମ ଏବଂ ଆରଏସପି ପୁନର୍ବସତି କଲୋନିର ଆର୍ଥିକ ଅନଗ୍ରସର ଏବଂ ଅବହେଳିତ ବର୍ଗର ଛାତ୍ରଛାତ୍ରୀ ଅଟନ୍ତି। ଏମାନଙ୍କ ମଧ୍ୟରୁ ୨୫ଜଣ ଛାତ୍ରଛାତ୍ରୀ ୨୦୨୫-୨୬ ଶିକ୍ଷାବର୍ଷରେ ବୃତିଗତ ପାଠ୍ୟକ୍ରମରେ ଯୋଗ ଦେଇଛନ୍ତି ଏବଂ ଅବଶିଷ୍ଟ ୨୬ ଜଣ ଛାତ୍ରଛାତ୍ରୀ ଏହି ଯୋଜନା ଅଧୀନରେ ସେମାନଙ୍କର ବୃତିଗତ ଅଧ୍ୟୟନ ଜାରି ରଖିଛନ୍ତି। ଏହି ସମାରୋହରେ ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର ଅଧ୍ୟକ୍ଷତା କରିବା ସହ ହିତାଧିକାରୀମାନଙ୍କୁ ପ୍ରଶଂସା ପତ୍ର ଏବଂ ଡମି ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ କାନେକର ଏପରି ପଦକ୍ଷେପ, ସମାବେଶୀ ଅଭିବୃଦ୍ଧି ଏବଂ ଶିକ୍ଷା ମାଧ୍ୟମରେ ବଚିଂତ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସଶକ୍ତିକରଣ ନିମନ୍ତେ ଆରଏସପିର ପ୍ରତିବଦ୍ଧତା ପ୍ରତିଫଳିତ କରୁଥିବା ଉଲ୍ଲେଖ କରିଥିଲେ। ଏହି ଅବସରରେ ମତବିନିମୟ କରି ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନେ ନିଜର କୃତଜ୍ଞତା ପ୍ରକାଶ କରିବା ସହ ଏହି ଆର୍ଥିକ ସହାୟତା କିପରି ସେମାନଙ୍କର ଶିକ୍ଷାଗତ ଏବଂ ଭବିଷ୍ୟତ ଆକାଂକ୍ଷାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ସହାୟତା କରିବ ସେ ବିଷୟରେ ଉଲ୍ଲେଖ କରିଥିଲେ। ଉଲ୍ଲେଖନୀୟ ଯେ, ବୃତ୍ତିଗତ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ ପଢୁଥିବା ଅବହେଳିତ ବର୍ଗର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ରହିଛି। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ମନୋନୀତ ଛାତ୍ର/ଛାତ୍ରୀ ପ୍ରତିବର୍ଷ ୩୦,୦୦୦ ଟଙ୍କାର ଆର୍ଥିକ ସହାୟତା ପାଇଥାନ୍ତି। ଏହିଭଳି ଉକ୍ତ ଯୋଜନା ଅଧୀନରେ ଦୁଇ ବର୍ଷର ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୬୦,୦୦୦ ଟଙ୍କା, ବି.ଟେକ୍ ଭଳି ଚାରି ବର୍ଷର ସ୍ନାତକ ପାଠ୍ୟକ୍ରମ ପାଇଁ ୧,୨୦,୦୦୦ ଟଙ୍କା ଏବଂ ୫ ବର୍ଷର ଏମବିବିଏସ ପାଠ୍ୟକ୍ରମ ପାଇଁ ୧,୫୦,୦୦୦ ଟଙ୍କାର ଅର୍ଥ ସହାୟତା ପ୍ରଦାନ କରାଯାଉଛି। ଶିକ୍ଷାଗତ ପ୍ରଦର୍ଶନ ଏବଂ ଆବଶ୍ୟକୀୟ କାଗଜପତ୍ର ଦାଖଲ ଆଧାରରେ ପ୍ରତିବର୍ଷ କିସ୍ତିରେ ଏହି ବୃତି ପ୍ରଦାନ କରାଯାଏ। ପ୍ରାରମ୍ଭରେ, ସିଏସଆର ବିଭାଗର ଜିଏମ୍ ଇନ-ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର ସମାବେଶକୁ ସ୍ୱାଗତ କରିଥିଲେ ଏବଂ ଯୋଜନାର ଉଦ୍ଦେଶ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ପରେ, ସିଏସଆର ବିଭାଗର ଡ଼ିଜିଏମ ଶ୍ରୀ ଟି. ବି. ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଏସଆର ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଏସ୍. କେ. ସୁକୁଲା ଏବଂ ସେକ୍ସନ ଅଫିସର ଶ୍ରୀ ବି. ଏକ୍କା ସଂଯୋଜନା କରିଥିଲେ।

ବନ୍ଧାହେଲେ ସିଏଚ୍‌ସି ଆକାଉଣ୍ଟ ମ୍ୟାନେଜର

ରାଉରକେଲା/ବିଶ୍ରା,୨୦/୩(ନି/ପ୍ର): ଚାକିରି ଚୁକ୍ତିଭିତିକ, କିନ୍ତୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ଭଳି ମଉଜ ମଜଲିସ୍ କରୁଥିଲେ। ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ବ୍ଲକ୍ ଆକାଉଟଂ ମ୍ୟାନେଜର ଶିବପ୍ରସାଦ ମଲ୍ଲିକଙ୍କୁ ସରକାରୀ ଅର୍ଥ ତୋଷରପାତ ମାମଲାରେ ପୁଲିସ ଗିରଫ କରିଛି। ଶିବପ୍ରସାଦ ସୁନ୍ଦରଗଡ଼ ରାଜଗାଙ୍ଗପୁରର ମୂଳବାସିନ୍ଦା ହୋଇଥିଲେ ହେଁ ରାଉରକେଲା ସହର ଛେଣ୍ଡ କୌଶଲ୍ୟା ବିହାରରେ ଭଡ଼ାରେ ରହୁଥିଲେ। ଗତ ସାଢ଼େ ୩ ବର୍ଷ ମଧ୍ୟରେ ସେ ନେପାଳ, ଭୁଟାନ ବୁଲିବା ସହ ଗୁଜରାଟ, ଦିଲ୍ଲୀ, ରାଜସ୍ଥାନ, ଉତରପ୍ରଦେଶ, ମେଘାଳୟ, ହାଇଦ୍ରାବାଦ୍, ସିକିମ୍ ଭଳି ୧୫ଟି ରାଜ୍ୟ ଭ୍ରମଣ କରିସାରିଛନ୍ତି। ମାସିକ ଦରମା ଥିଲା ୨୪ ହଜାର ଟଙ୍କା। ଅଢ଼େଇ ବର୍ଷ ହେଲା ଦରମା ମିଳିନାହିଁ। ତଥାପି ପୁଳାପୁଳା ଟଙ୍କା ଖର୍ଚ୍ଚ କରୁଥିଲେ। ତେବେ ସରକାରୀ ଆକାଉଟଂରେ ଟଙ୍କା ନଥିବା ଦେଖି ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କର ସନ୍ଦେହ ହୋଇଥିଲା। ଏ ସଂକ୍ରାନ୍ତରେ ସେ ମାର୍ଚ୍ଚ ୧୩ ତାରିଖରେ ବିଶ୍ରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତନାଘନା କରି ଶିବପ୍ରସାଦଙ୍କ ଗୁମର ଖୋଲିଛି। ତାଙ୍କଠାରୁ ୩ଟି ମୋବାଇଲ୍, ୩ଟି ପାସ୍‌ବୁକ୍, ଗୋଟିଏ ଚେକ୍‌ବୁକ୍, ୨ଟି ପ୍ୟାନ୍ କାର୍ଡ, ୩ଟି ଡେବିଟ୍ କାର୍ଡ, ଗୋଟିଏ କ୍ରେଡିଟ୍ କାର୍ଡ, ନଗଦ ୮୮ ହଜାର ୭୭୦ ଟଙ୍କା, ନେପାଳ ଓ ଭୁଟାନର ଟଙ୍କା, ୩୩.୪୨୬ ଗ୍ରାମ୍‌ର ସୁନା ଅଳଙ୍କାର, ୧ କେଜି ୩୫୦ ଗ୍ରାମ୍‌ର ରୁପା ଅଳଙ୍କାର, ଗୋଟିଏ ଡ୍ରେସ୍‌ବେରି ଦାମୀ ହାତଘଟାଂ, ସ୍କୁଟି, ବାଇକ୍ ଓ ଗୋଟିଏ କାର ଜବତ ହୋଇଛି। ଶିବପ୍ରସାଦ ସରକାରୀ ଆକାଉଟଂରୁ ୪୬ ଲକ୍ଷ ୮ ହଜାର ୩୪୧ ଟଙ୍କା ଠକେଇ କରି ଏହି ସାମଗ୍ରୀ କିଣିବା ସହ ଦେଶବିଦେଶ ବୁଲିଥିଲେ। ପୁଲିସର ସୂଚନାନୁଯାୟୀ, ୨୦୨୨ ନଭେମ୍ବର ୨୫ ତାରିଖରେ ଶିବପ୍ରସାଦ ରାଜଗାଙ୍ଗପୁରରୁ ବଦଳି ହୋଇ ରାଉରକେଲା ବିଶ୍ରା ସିଏଚ୍‌ସିକୁ ଆସିଥିଲେ। କାର୍ଯ୍ୟରେ ଅବହେଳା ଯୋଗୁଁ ଅଢ଼େଇ ବର୍ଷ ହେଲା ତାଙ୍କୁ ଦରମା ମଧ୍ୟ ମିଳୁନଥିଲା। ତେବେ ସେ ସିଏଚ୍‌ସି ଆକାଉଟଂ ସମ୍ବନ୍ଧୀୟ ରଖୁଥିଲେ। ସରକାରୀ ଆକାଉଟଂରୁ ବେଆଇନ ଟ୍ରାଞ୍ଜାକ୍‌ସନ୍ କରି ପତ୍ନୀ ଦଲଜିତ୍ କୌର ମନ୍ନଙ୍କ ଆକାଉଟଂକୁ ୨୯ ଲକ୍ଷ ୬ ହଜାର ୪୯୯ ଟଙ୍କା ଓ ନିଜ ଆକାଉଟଂରେ ୧୭ ଲକ୍ଷରୁ ଅଧିକ ଟଙ୍କା କାରବାର କରିଥିଲେ। ଏମିତିକି ଅଫିସ କମ୍ପ୍ୟୁଟରରେ ତଥ୍ୟ ହେରଫେର କରିଥିଲେ। ଅଭିଯୁକ୍ତ ଶିବପ୍ରସାଦ ବର୍ତ୍ତମାନ ଲହୁଣିପଡ଼ା ସିଏଚ୍‌ସିରେ କାର୍ଯ୍ୟରତ ଅଛନ୍ତି। ସେଠାରୁ ମଧ୍ୟ ୫ ଲକ୍ଷରୁ ଅଧିକ ଟଙ୍କା ହେରଫେର କରିଥିବା ସୂଚନା ମିଳିଛି।